# ଆର୍ଥିକ ସାକ୍ଷରତା ଶିବିର

ଭଦ୍ରକ,୨୬।୩ (ସନାତନ ରାଉତ)

ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଶିବିର ମଙ୍ଗଳବାର ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ଅତିଥି ଭାବରେ ଜିଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ମୋନାଲିସା ପଣ୍ଡା, ଭଦ୍ରକ ଲିଡ୍ ବ୍ୟାଙ୍କ ମ୍ୟାନେଜର ନାଗେଶର ରାଓ, ଭଦ୍ରକ ଡାକ ମୁଖ୍ୟ ଅଧିକାରୀ ବିଜୟ କୁମାର ମହାନ୍ତି, ପୂର୍ବତନ ଜିଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ପଦ୍ମନ କୁମାର ରାୟ, ସାଇବର ସେଲ ଅଧିକାରୀ ଇନ୍ସପେକ୍ଟର ବନ୍ଦନା ଦେବୀ ଓ ଡାକ ବିଭାଗ ବିଜ୍‌ନେସ ଏକ୍ସିକ୍ୟୁଟିଭ କଳାକାର ଶତପଥୀ ଯୋଗଦେଇ ଲୋକଙ୍କୁ ସଞ୍ଚୟ କରିବା ଲାଗି ଅନୁପ୍ରାଣିତ କରିବା ସହ ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ସଭାରେ ଭଦ୍ରକ ବ୍ଲକ୍‌ର ବିଭିନ୍ନ ଗ୍ରାମରୁ ଶତାଧିକ ଲୋକ ଯୋଗଦେଇଥିଲେ।

# ଜୟ ଶ୍ରୀରାମ ଧ୍ୱନିରେ କମ୍ପିଲା ବଜାର

ତିହିଡ଼ି,୨୬।୩ (ସଞ୍ଜିତ ବଳ)


ଶ୍ରୀରାମ ନବମୀ ସମିତି ପକ୍ଷରୁ ଗଣଦୌଡ଼।

ଭଦ୍ରକ ଜିଲା ତିହିଡି ଶ୍ରୀରାମ ନବମୀ ସମିତି ପକ୍ଷରୁ ବୁଧବାର ସକାଳ ୮ଟା ସମୟରେ ତିହିଡିରେ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ମାଟି ମା' ପାଇଁ ଅନୁଷ୍ଠିତ ଏହି ଗଣଦୌଡ଼ରେ ସମିତି କର୍ମକର୍ତ୍ତାଙ୍କ ଜୟ ଶ୍ରୀରାମ ଧ୍ୱନୀରେ ତିହିଡି ବଜାର କମ୍ପି ଉଠିଥିଲା। ବଡ଼ଗାଲୋ ଛକ ନିକଟସ୍ଥ ଶ୍ରୀଗଣେଶ ମନ୍ଦିର ନିକଟରୁ ଆରମ୍ଭ ହୋଇ ତିହିଡି ବଜାର ପରିକ୍ରମା କରିବା ପରେ ତହସିଲ କାର୍ଯ୍ୟାଳୟ ନିକଟରେ ଥିବା ଶ୍ରୀ ହନୁମାନଙ୍କ ମନ୍ଦିର ନିକଟରେ ଶେଷ ହୋଇଥିଲା। ସମିତି ସଭାପତି କିଶୋର ନାୟକ, ସମ୍ପାଦକ ଯଯାତି କେଶରୀ ଦାସ, ପୂର୍ବତନ ବ୍ଲକ୍ ଅଧକ୍ଷ ଶୁକଦେବ ମଲ୍ଲିକ, ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ପ୍ରଦୀପ ବଳ, ରଘୁନାଥ ପାତ୍ର, ଉଦୟ ନାରାୟଣ ମଲ୍ଲିକ, ସୀତାକାନ୍ତ ନାୟକ, ମଣ୍ଡଳ ସଭାପତି କେଶବ ବେହେରା, ସରୋଜ ନାୟକ, ଉଷାକାନ୍ତ ନାୟକ, ଉମାକାନ୍ତ ଦାସ, ତପୁନ ପାଣି, ବିଶ୍ୱଜିତ୍ ବେହେରା, ରତିକାନ୍ତ ଦାସ ପ୍ରମୁଖଙ୍କ ନେତୃତ୍ୱରେ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୩୦ତାରିଖରେ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହେବ ବୋଲି ସମିତି ସଭାପତି ସୂଚନା ଦେଇଛନ୍ତି।

# ଅଢ଼େଇ ବର୍ଷରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ

ଚାନ୍ଦବାଲି,୨୬।୩ (ରତିକାନ୍ତ ବାରିକ)

ମାତ୍ର ଅଢ଼େଇ ବର୍ଷ ବୟସରୁ ଇଂଲିଶ, ଓଡ଼ିଆରେ ବର୍ଷ, ମାସ, ବାର, ସପ୍ତାହ, ଋତୁର ନାମଠାରୁ ଆରମ୍ଭ କରି ବିଭିନ୍ନ ପଶୁ, ପକ୍ଷୀ, ପନିପରିବା, ମହାପୁରୁଷଙ୍କ ନାମ, ରାହିମ, ଭଜନ, ଗୀତ ଆଦିରେ ନିପୁଣ କୁନି ଝିଅ 'ଇଣ୍ଡିଆ ବୁକ ଅଫ୍ ରେକର୍ଡ'ର ଅଧିକାରିଣୀ ହୋଇପାରିଛନ୍ତି। ଯେଉଁ ବୟସରେ ପିଲାମାନେ ସ୍ପଷ୍ଟ କଥା କହି ଶିଖି ନ ଥାନ୍ତି ସେହି ବୟସରେ ତାଙ୍କ ମେଧା ଚମତ୍କାରିତା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ମାତ୍ର ୨ ମାସ ବୟସରୁ ତାଙ୍କର ଗୀତ ଶୁଣିବାରେ ପ୍ରବଳ ଆଗ୍ରହ ଥିଲା। ୯ ମାସ ବୟସରେ ପାଟି ଫିଟିବା ପରେ ଏସବୁ ଚମତ୍କାର ଆରମ୍ଭ ହୋଇଥିଲା। ଏପରି ବିରଳ ପ୍ରତିଭା ହେଉଛନ୍ତି ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅନ୍ତର୍ଗତ ଶଙ୍ଖାରୀ ଗ୍ରାମର ମାନସ ସାହୁ ଓ ମଧୁସ୍ମିତା ପଲ୍ଲାଇଙ୍କର ଏକମାତ୍ର କନ୍ୟା ମୃଣାଳିନୀ। ମା' ଅଙ୍ଗନୱାଡ଼ି କର୍ମୀ ହୋଇଥିବା ବେଳେ ବାପା ଜଣେ କ୍ଷୁଦ୍ର ବ୍ୟବସାୟୀ। ମଧୁସ୍ମିତା ଅଙ୍ଗନୱାଡ଼ି କାମ ସାରି ଘରେ ରୋଷେଇ, ଟେଲରିଂ ଓ ଟ୍ୟୁଶନ ପରେ ଯାହା ସମୟ ମିଳେ ସେଥିରେ ଝିଅକୁ ଶିକ୍ଷା ଦିଅନ୍ତି। କୁନି ଝିଅଟିର ଏହି ପ୍ରତିଭାରେ ମାତା ପିତା, ଏବେ ବେଶ ଉତ୍ସାହିତ। ପ୍ରଶାସନ ପକ୍ଷରୁ ସରକାରୀ ସହାୟତା ଯୋଗାଇ ଦେଲେ ପ୍ରତିଭା ପ୍ରଦର୍ଶନ କ୍ଷେତ୍ରରେ ସେ ଆହୁରି ଅଗ୍ରସର ହୋଇପାରନ୍ତେ ବୋଲି ପିତା ମାନସ ପ୍ରକାଶ କରିଛନ୍ତି।



ମୃଣାଳିନୀ

# 'ସଂସ୍କୃତି ଜୀବନର ମୂଳ ଆଧାର'


ବାର୍ଷିକ ଉତ୍ସବରେ ଜିଲାପାଳ ଓ ଅନ୍ୟମାନେ।

## ମଦନ ମୋହନ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

ଭଦ୍ରକ,୨୬।୩ (ସନାତନ ରାଉତ)

ଭଦ୍ରକ ଇଛାପୁରସ୍ଥିତ ଡିଏଭି ମଦନ ମୋହନ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହ ସଂସ୍କୃତି ହେଉଛି ଜୀବନର ଆଧାର, ଶିକ୍ଷା ସହିତ ସଂସ୍କୃତି ଛାତ୍ରୀଛାତ୍ରଙ୍କୁ ସଂସ୍କାରିତ କରିଥାଏ ବୋଲି ମତ ରଖିଥିଲେ। ଅନ୍ୟତମ ଅତିଥି ଭାବେ ଡିଏଭି ପବ୍ଲିକ ସ୍କୁଲ ବାଲେଶ୍ୱରର ଅଧକ୍ଷ ନବକିଶୋର ପ୍ରଧାନ ସ୍କୁଲର ଚେୟାରମ୍ୟାନ ହେମନ୍ତ କୁମାର ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ସ୍କୁଲର ପ୍ରଧାନଶିକ୍ଷକ ଋତୁପର୍ଣ୍ଣ ସାହୁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# 'ପାଲା ଓଡ଼ିଶାର ପୁରୁଣା ସଂସ୍କୃତିକୁ ଉଜ୍ଜୀବିତ କରୁଛି'

ଧାମନଗର,୨୬।୩ (ସନ୍ତୋଷ କୁମାର ମହାପାତ୍ର)


ଗୁରୁଶ୍ରୀ ସୁବାସ ଚନ୍ଦ୍ର ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଧାମନଗର ବ୍ଲକ ଭଗବାନପୁରସ୍ଥିତ ମା' ବୁଢ଼ୀ ଜାଗୁଳାଇ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଚାଲିଥିବା ଐତିହାସିକ ବାଦୀ ପାଲା ଉତ୍ସବ ମଙ୍ଗଳବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଶନିବାରଠାରୁ ଆରମ୍ଭ ହୋଇଥିବା ଏହି ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଭଦ୍ରକ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ ଓଡ଼ିଶାର ପୁରୁଣା ସଂସ୍କୃତି ଓ ସାହିତ୍ୟକୁ ପାଲା ମାଧ୍ୟମରେ ଉଦ୍‌ଜୀବିତ ରଖାଯାଇଛି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଲୋକ ସଂସ୍କୃତି ଗବେଷକ, ମୋଗଲ ତାମସା ନିର୍ଦ୍ଦେଶକ ସଙ୍ଗୀତ ଭାସ୍କର ଗୁରୁଶ୍ରୀ ସୁବାସ ଚନ୍ଦ୍ର ମଲ୍ଲିକ ଯୋଗ ଦେଇଥିବା ବେଳେ ବିଭିନ୍ନ ସନ୍ଧ୍ୟାରେ ବୁଦ୍ଧିଜୀବି, ସଂସ୍କୃତିପ୍ରେମୀ ଓ ବିଭିନ୍ନ ରାଜନେତା ଯୋଗ ଦେଇଥିଲେ। ଏହି ଅବସରରେ ଜିଲାପାଳଙ୍କୁ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଭଗବାନପୁର ଗ୍ରାମର ବରିଷ୍ଠ କଳାପ୍ରେମୀ, ସାମାଜିକ କର୍ମୀ, ଅନୁଷ୍ଠାନ ପ୍ରେମୀ ବାବାଜୀ ଚରଣ ସେଠୀଙ୍କ ସହ ମରଣୋତ୍ତର ଭାବେ ସ୍ୱର୍ଗତ ଗଦାଧର ଶଙ୍ଖୁଆ, ସ୍ୱର୍ଗତ ଦାମୋଦର ମହାପାତ୍ର, ସ୍ୱର୍ଗତ କାର୍ତ୍ତିକ ଚନ୍ଦ୍ର ସାହୁ ଓ ସ୍ୱର୍ଗତ ପ୍ରଫୁଲ୍ଲ ଚନ୍ଦ୍ର ସ୍ୱାଇଁଙ୍କ ପରିବାର ସଦସ୍ୟଙ୍କୁ ଜିଲାପାଳ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

ମୁଖ୍ୟବକ୍ତା ମଲ୍ଲିକଙ୍କୁ ଜିଲାପାଳ 'ସଙ୍ଗୀତ ଜ୍ୟୋତି' ସମ୍ମାନରେ ସମ୍ମାନୀତ କରିଥିଲେ। ବିଶିଷ୍ଟ କଳାକାର ତଥା ଅନୁଷ୍ଠାନର ମୁଖ୍ୟ ସଚେତକ ସଦାନନ୍ଦ ପତି ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋବିନ୍ଦ ବେହେରା, ଅର୍ଜୁନ ଚରଣ ରାଉତ, ଶମ୍ଭୁନାଥ ସାହୁ, ଦିବାକର ମହାପାତ୍ର, ଗଣେଶ ପ୍ରସାଦ ସାହୁ, ବିମ୍ବାଧର ପାତ୍ର, ଲକ୍ଷ୍ମୀଧର ଲେଙ୍କା, ଉଦୟନାଥ ମହାପାତ୍ର, ଭାବଗ୍ରାହୀ ସାହୁ, ପଦ୍ମନାଭ ଶଙ୍ଖୁଆ, ଗୋପାଳ ପାତ୍ର, ଉତ୍କଳ ସାହୁ, ଦୁର୍ଯ୍ୟୋଧନ ଲେଙ୍କା ପ୍ରମୁଖ ସହଯୋଗ କରିଥିବା ବେଳେ ଶେଷରେ ପରିଷଦର ସମ୍ପାଦକ ସୋମନାଥ ଶଙ୍ଖୁଆ ଧନ୍ୟବାଦ ଦେଇଥିଲେ।

# ୨ ମାସ ହେଲା ତହସିଲଦାର ପଦବୀ ଖାଲି

ଧାମନଗର,୨୬।୩
(ସନ୍ତୋଷ କୁମାର ମହାପାତ୍ର)

## ଧାମନଗର ତହସିଲ କାର୍ଯ୍ୟାଳୟ

ଭଦ୍ରକ ଜିଲା ଧାମନଗର ତହସିଲ କାର୍ଯ୍ୟାଳୟରେ ଦୀର୍ଘ ୨ ମାସ ଧରି ତହସିଲଦାର ପଦବୀ ଖାଲିପଡ଼ିଛି। ଫଳରେ ତହସିଲ କାର୍ଯ୍ୟାଳୟକୁ ଦୈନନ୍ଦିନ କାମ ପାଇଁ ଆସୁଥିବା ସାଧାରଣ ଲୋକେ ବହୁ ସମସ୍ୟା ଭୋଗୁଛନ୍ତି। ସୂଚନା ମୁତାବକ, ତହସିଲଦାର ଦୀପକ କୁମାର ଦାସ ଗତ ଜାନୁଆରୀ ୩୧ରେ ଅବସର ଗ୍ରହଣ କରିଥିଲେ। ସେହିଦିନଠାରୁ ଅତିରିକ୍ତ ତହସିଲଦାର ସାଇ ସିଲୋନା ଭାରପ୍ରାପ୍ତ ତହସିଲଦାର ଭାବରେ କାର୍ଯ୍ୟ ସମ୍ପାଦନା କରୁଛନ୍ତି। କାର୍ଯ୍ୟାଳୟରେ ୨ ଜଣ ଅତିରିକ୍ତ ତହସିଲଦାର ଆବଶ୍ୟକ କରୁଥିବା ବେଳେ ବର୍ତ୍ତମାନ କେବଳ ମାତ୍ର ଜଣେ ଅତିରିକ୍ତ ତହସିଲଦାରଙ୍କ ଦ୍ୱାରା ସମସ୍ତ କାର୍ଯ୍ୟ କରାଯାଉଛି। ଫଳରେ ବିଭିନ୍ନ କାମରେ ଆସୁଥିବା ଲୋକେ ନିରାଶ ହୋଇ ଫେରିଯାଉଛନ୍ତି। ଅପରପକ୍ଷେ ଅତିରିକ୍ତ ତହସିଲଦାରଙ୍କ ଅଫିସ ଦୁଇ ମହଲା ଉପରେ ଥିବାରୁ ବୟୋଜ୍ୟେଷ୍ଠ, ଶାରୀରିକ ଅକ୍ଷମ ଲୋକେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସତ୍ୟପାଠ, ଆବାସିକ ପ୍ରମାଣପତ୍ର, ଇନ୍‌କମ୍ ସାର୍ଟିଫିକେଟ୍ ଆଦି ସମସ୍ତ କାର୍ଯ୍ୟ ଜଣଙ୍କ ଉପରେ ନିର୍ଭର କରୁଛି। ନୂତନ ତହସିଲଦାର ନିଯୁକ୍ତ ହେବା ପର୍ଯ୍ୟନ୍ତ ଅତିରିକ୍ତ ତହସିଲଦାରଙ୍କ କାର୍ଯ୍ୟାଳୟ ତଳ ମହଲାକୁ ସ୍ଥାନାନ୍ତର କରିବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।


ଅତିରିକ୍ତ ତହସିଲଦାରଙ୍କ କାର୍ଯ୍ୟାଳୟରୁ ଶିଡ଼ିରେ ଜଣେ ବୟୋଜ୍ୟେଷ୍ଠ ବ୍ୟକ୍ତି ଓହ୍ଲାଉଛନ୍ତି।

# ଜାତୀୟ କନିଷ୍ଠ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଭଦ୍ରକର ୨ ଖେଳାଳି




ଶକ୍ତି ରଞ୍ଜନ ପରିଡ଼ା ଓ ବିଶ୍ୱଜିତ୍ ନାୟକ।

ଭଦ୍ରକ,୨୬।୩ (ସନାତନ ରାଉତ)

ବିହାରର ଜାହାନାବାଦ ଷ୍ଟାଡିୟମ୍‌ରେ ମାର୍ଚ୍ଚ ୨୬ ରୁ ୩୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ୪୬ତମ ଜାତୀୟ କନିଷ୍ଠ ହ୍ୟାଣ୍ଡବଲ ପ୍ରତିଯୋଗିତା ପାଇଁ ୧୮ ଜଣିଆ ବାଳକ ଦଳରେ ଭଦ୍ରକ ଜିଲାରୁ ଶକ୍ତି ରଞ୍ଜନ ପରିଡ଼ା ଓ ବିଶଜିତ୍ ନାୟକ ସ୍ଥାନ ପାଇଛନ୍ତି। ଶକ୍ତିଙ୍କ ଘର ଭଣ୍ଡାରିପୋଖରୀ ଗ୍ରାମରେ ହୋଇଥିବା ବେଳେ ସେ ବର୍ତ୍ତମାନ ଭଣ୍ଡାରିପୋଖରୀ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନରେ ପଢୁଛନ୍ତି। ବିଶ୍ୱଜିତ୍‌ଙ୍କ ଘର ଭଦ୍ରକ ବ୍ଲକ୍ ଚିଙ୍ଗୁଡ଼ିପୁର ଗ୍ରାମରେ ହୋଇଥିବା ବେଳେ ସେ ବର୍ତ୍ତମାନ ବାରିକପୁର କଲେଜରେ ଯୁକ୍ତ ୨ କଳାରେ ଅଧ୍ୟୟନ କରୁଛନ୍ତି। ତାଙ୍କର ଏହି ସଫଳତା ନିମନ୍ତେ ଶିଳ୍ପ ତାଲିମ କେନ୍ଦ୍ରର ଅଧକ୍ଷ ଦୀପକ ମୁଦୁଲି, ପ୍ରଶିକ୍ଷଣ ଅଧିକାରୀ ରଞ୍ଜନ ଜେନା, ବାରିକପୁର ଯୁକ୍ତ ୨ କଲେଜର ଅଧକ୍ଷ ଆଦିତ୍ୟ କୁମାର ଜେନା, ଭଦ୍ରକ ଜିଲା ହ୍ୟାଣ୍ଡବଲ ସଂଘର ସମ୍ପାଦକ ସିରାଜୁଦ୍ଦିନ ଖାନ, କୋଚ୍ ଶେଖ ଗୋଲାପ, କ୍ରୀଡ଼ା ଶିକ୍ଷକ ମନୋଜ ସାହୁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ଚରମ୍ପାରେ ଇଫ୍‌ତାର ପାର୍ଟି



ଇଫତାର ପାର୍ଟିରେ ଯୋଗ ଦେଇଥିବା ଅତିଥିମାନେ।

ଭଦ୍ରକ,୨୬।୩ (ରବିନାରାୟଣ ଖିଲାର)

ଭଦ୍ରକ ସହରର ଚରମ୍ପା ୫ନଂ. ୱାର୍ଡରେ କାଉନସିଲର ଦିଲ୍ଲୀପ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୁଧବାର ସନ୍ଧ୍ୟା ୬ଟାରେ ଏକ ଇଫତାର ପାର୍ଟି ଅନୁଷ୍ଠିତ ହୋଇଯାଇଛି। ୧ ହଜାରରୁ ଊର୍ଦ୍ଧ୍ୱ ହିନ୍ଦୁ ଓ ମୁସଲିମ୍ ଭଉଣୀ ଭାଇ ଏଥିରେ ସାମିଲ ହୋଇଥିଲେ। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ,ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁ, ଜିଲା ବିଜେଡି ମହିଳା ସଭାପତି ବିଦ୍ୟୁତ୍ ଲତା ନାୟକ, ପୌରାଧକ୍ଷ ଗୁଲମୁଖୀ ଦଲୱାଜି ହବିବ, ବ୍ଲକ ଅଧକ୍ଷା ଊର୍ମିଳା ନାୟକ, କାଉନସିଲର ସାଇଦ ଖାଁ, ପଙ୍କଜ ବଳ, ଆଇନଜୀବୀ ପବନ ଶର୍ମା, ସାମାଜିକ କର୍ମୀ ସୀତାକାନ୍ତ ଦାସ, ବ୍ଲକ ସଭାପତି ପ୍ରଫୁଲ୍ଲ ନାୟକ, ଯୁବ ଯାଦବ ରାଜ୍ୟ ସଭାପତି ଅମର ନାୟକ, ଯୁବନେତା ସୁବ୍ରତ ଦାସ,ଆଲ୍ଲାଉଦ୍ଦିନ ଖାଁ, ମୁନାନ ଖାଁ, ଆରିଫ ରେହମାନ, ଯୁବନେତା ସୀତେଶ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ଅବସରପ୍ରାପ୍ତ ସିଡିଏମ୍‌ଓଙ୍କ ପରଲୋକ

ବନ୍ତ,୨୬।୩ (ହରି ନାରାୟଣ ମହାନ୍ତି)


ପୂର୍ଣ୍ଣଚନ୍ଦ୍ର ରାୟ

ଭଦ୍ରକ ଜିଲା ବନ୍ତ ବ୍ଲକ୍ ଗୋପିନାଥପୁର ଗ୍ରାମର ବିଶିଷ୍ଟ ଚିକିତ୍ସକ ତଥା ଅବସରପ୍ରାପ୍ତ ସିଡିଏମଓ ପୂର୍ଣ୍ଣଚନ୍ଦ୍ର ରାୟ(୭୮)ଙ୍କର ପରଲୋକ ଘଟିଛି। ମୃତ୍ୟୁ ଶର୍ଯ୍ୟା ନିକଟରେ ସହଧର୍ମିଣୀ ଡା. ଦୁର୍ଗାବତୀ ମହାନ୍ତିଙ୍କ ସମେତ ଝିଅ, ଜ୍ୱାଇଁ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ସେ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ସିଡିଏମଓ ଭାବେ କାର୍ଯ୍ୟ କରି ଅବସର ନେଇଥିଲେ। ଗୋପିନାଥପୁର ଗ୍ରାମରେ ମଙ୍ଗଳା ମନ୍ଦିର ପ୍ରତିଷ୍ଠା କରିବା ସହ ୨୦୨୪ରେ ମଙ୍ଗଳା ପୀଠରେ ଗୋବିନ୍ଦ ଜୀଉ ହରପାର୍ବତୀ ହରିହର ମେଳନ ଆରମ୍ଭ କରିଥିଲେ। ଗୋପିନାଥଜୀଉ ଉଚ୍ଚ ବିଦ୍ୟାଳୟର ଭିତ୍ତିଭୂମିର ବିକାଶ ପାଇଁ ଲକ୍ଷାଧିକ ଟଙ୍କା ଦାନ କରିବା ସହ ନିଜ ଜନ୍ମମାଟି ଅଞ୍ଚଳର ବହୁ ଲୋକଙ୍କୁ ବିନା ମୂଲ୍ୟରେ ଚିକିତ୍ସା ଯୋଗାଇ ଆସୁଥିଲେ। ବିୟୋଗ ଖବର ପାଇ କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ, ଲୋକଶକ୍ତିର ମୁଖ୍ୟ ରବିନ୍ଦ୍ର କୁମାର ରାୟ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ଜିଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ ଜେନା, ବ୍ଲକ ଅଧକ୍ଷ ମନୋରଞ୍ଜନ ଘଡେଇ, ଗୋପିନାଥପୁର ସରପଞ୍ଚ ସବିତାରାଣୀ ନାୟକ, ଗୋପିନାଥ ଦାଶ, ଫେଲୋସିପର ମୁଖ୍ୟ ଏସ୍.ଏମ୍. ଫାରୁକ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି। ଦୁଇ ଝିଅ ସଞ୍ଜୀବୀତା ଓ ସୁଚରିତା ମିଳିତ ଭାବେ ମୁଖାଗ୍ନି ଦେଇଥିଲେ।

# ଓଡ଼ିଶା ଦିବସ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା

ଭଦ୍ରକ,୨୬।୩ (ସନାତନ ରାଉତ)


ପ୍ରତିଯୋଗୀଙ୍କ ସହ ଅତିଥି।

ଭଦ୍ରକ ଜିଲାସ୍ତରୀୟ ଓଡ଼ିଶା ଦିବସ-୨୦୨୫ ପାଳନ ଉପଲକ୍ଷେ ଜିଲା ପ୍ରଶାସନ ଆନୁକୂଲ୍ୟରେ ସାଲନ୍ଦୀ ନର୍ସିଂ ସ୍କୁଲର ପୃଷ୍ଠପୋଷକତାରେ ଜିଲା ସଂସ୍କୃତିଭବନରେ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା ବୁଧବାର ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ହୋଇଯାଇଛି। ମଧ୍ୟ ଇଂରାଜୀ ଓ ହାଇସ୍କୁଲସ୍ତରରେ ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ଭାଗ ନେଇଥିବା ବେଳେ ଅବସରପ୍ରାପ୍ତ ଅଧକ୍ଷ ପ୍ରଫୁଲ୍ଲ କୁମାର ସାହୁ, ଅବସରପ୍ରାପ୍ତ ଶିକ୍ଷକ ଗୀତାରାଣୀ ଆଇଚ, ତପସ୍ୱିନୀ ଦାସ, କୃଷ୍ଣପ୍ରସାଦ ସାହୁ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ମନୀନ୍ଦ୍ର ମହାନ୍ତି, ଆରତୀ ମହାନ୍ତି ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ସାଲନ୍ଦୀ ନର୍ସିଂ ସ୍କୁଲ୍‌ର ସତ୍ତ୍ୱାଧିକାରୀ ଡା. ପ୍ରଭାସ ଚନ୍ଦ୍ର ମହାନ୍ତି ଓ ସାମାଜିକକର୍ମୀ ସୀତାକାନ୍ତ ଦାସ ପରିଚାଳନାରେ ସହଯୋଗ କରିଥିଲେ। ୬ଷ୍ଠ ଓ ୭ମ ଶ୍ରେଣୀ ଜୁନିୟର ଗ୍ରୁପ୍‌ରେ ଏସ୍‌ବିଡି ଇଣ୍ଟର ନ୍ୟାସନାଲ ସ୍କୁଲର ଶ୍ରେୟାଂଶ ପଣ୍ଡା ୧ମ, ଓ ସେହିପରି ୮ମ ଓ ୯ମ ଶ୍ରେଣୀକୁ ନେଇ ହୋଇଥିବା ସିନିୟର ଗ୍ରୁପ୍‌ରେ ଏସ୍‌ବିଡି ସ୍କୁଲର ଆସ୍ଥା ନାୟକ୧ମ ହୋଇଥିଲେ। ସୂଚନାଯୋଗ୍ୟ ହାଇସ୍କୁଲ ସ୍ତରରେ୧ମ ହୋଇଥିବା ଆସ୍ଥା ନାୟକ ଆସନ୍ତା ୩୧ ତାରିଖ ରାଜ୍ୟସ୍ତରରେ ଭୁବନେଶ୍ୱରରେ ହେବାକୁ ଥିବା ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

# ନିଖୋଜ ଯୁବକଙ୍କ ମୃତଦେହ ଜବତ

ଚାନ୍ଦବାଲି,୨୬।୩
(କିଷାନ ପାତ୍ର)

ଚାନ୍ଦବାଲି ଥାନା ଅଧୀନ ଓରାସାହି ପଞ୍ଚାୟତ ନେଢୁଆଳି ଗ୍ରାମର କୀର୍ତ୍ତନ ମାଝୀଙ୍କ ପୁଅ କାଳିଆ ମାଝୀ ଗତ ୪ ଦିନ ଧରି ନିଖୋଜ ଥିଲେ। ଘର ଲୋକେ ବହୁ ଖୋଜାଖୋଜି କରିବା ପରେ କିଛି ସନ୍ଧାନ ପାଇ ନ ଥିଲେ। ଏକ ବାଗୁଲା ଗଛରେ ଏକ ଯୁବକର ମୃତଦେହ ଝୁଲୁଥିବା ବୁଧବାର ସକାଳ ସମୟରେ ସେହି ବାଟ ଦେଇ ଯାଉଥିବା କିଛି ଲୋକ ଦେଖି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଘଟଣା ସ୍ଥଳରେ ଚାନ୍ଦବାଲି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠେଇଥିଲା। ମୃତ୍ୟୁ ଘଟଣାକୁ ନେଇ ଚାନ୍ଦବାଲି ଥାନାଧିକାରୀ ପରେଶ ମହାନ୍ତି ତଦନ୍ତ ଆରମ୍ଭ କରିଛି।

# ଘଣ୍ଟି ବଜାଇ ପ୍ରତିବାଦ ସଭା କଲା କଂଗ୍ରେସ



ପ୍ରତିବାଦ ଶୋଭାଯାତ୍ରାରେ ସାମିଲ କଂଗ୍ରେସ ନେତା ଓ କର୍ମୀ।

ବାସୁଦେବପୁର,୨୬।୩
(ନାରାୟଣ ପ୍ରସାଦ ବାରିକ୍)

ବିଧାନସଭାରେ କଂଗ୍ରେସ ବିଧାୟକଙ୍କୁ ଆକ୍ରମଣ ଓ ଦୁର୍ବ୍ୟବହାର ପ୍ରତିବାଦରେ ବାସୁଦେବପୁର ବ୍ଲକ, ନଗର କଂଗ୍ରେସ ପକ୍ଷରୁ ଶତାଧିକ କଂଗ୍ରେସ କର୍ମୀ ଓ ସମର୍ଥକମାନେ ବୁଧବାର ସନ୍ଧ୍ୟା ୬ଟାରେ ଘଣ୍ଟ ଘଣ୍ଟା ବଜାଇ ପ୍ରତିବାଦ ଶୋଭାଯାତ୍ରା କରିଛନ୍ତି। ନଗର କଂଗ୍ରେସ ସଭାପତି ତଥା କାଉନସିଲର ଭକ୍ତ ରଞ୍ଜନ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ବିଜୟ କୁମାର ମହାନ୍ତି, ସରପଞ୍ଚ ସୁବାସ ଚନ୍ଦ୍ର ସନ୍ଧିବିଗ୍ରହ, ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରଭାତ ବାରିକ୍, ନଗର କଂଗ୍ରେସ ଯୁବ ସଭାପତି ସୁଶାନ୍ତ ମହାକୁଡ଼, ବ୍ଲକ କଂଗ୍ରେସ ଯୁବ ସଭାପତି ସିଦ୍ଧାନ୍ତ ଦାସ, ଯୁବନେତା ସୁବ୍ରତ କୁମାର ବେହୁରାଙ୍କ ସମେତ ଶତାଧିକ କର୍ମୀ ସମର୍ଥକ ଏଥିରେ ସାମିଲ ହୋଇଥିଲେ।

**ଟ୍ରେଲ୍‌ର ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ**

ପାଟଣା,(ବୀର କିଶୋର ଦାଶ): କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥ ଖିରେଇଟାଙ୍ଗିରୀ ଶାଳ ନିକଟରେ ବୁଧବାର ସନ୍ଧ୍ୟାରେ ଟ୍ରେଲର ଧକ୍କାରେ ଡାବରଚୁଆ ଗ୍ରାମର ଗୌରଚନ୍ଦ୍ର ନାଏକ(୮୩)ଙ୍କ ମୃତ୍ୟୁ ଘଟିଛି। ସାଇକେଲ ଯୋଗେ ଖିରେଇଟାଙ୍ଗିରୀ ପଞ୍ଚାୟତକୁ ରାସନ ଚାଉଳ ଆଣିବାକୁ ଯାଉଥିବା ବେଳେ ପଛପଟରୁ ଏକ ଟ୍ରେଲର ଧକ୍କା ଦେଇଥିଲା।

## କେନ୍ଦୁଝର

# ଛତୁ ଚାଷ ଦକ୍ଷତା ବୃଦ୍ଧି ତାଲିମ

ଯୋଡ଼ା,୨୬।୩(ମାନସ ମହାନ୍ତି)

କେନ୍ଦୁଝର ଜିଲା ଓଡ଼ିଶା ଖଣି ନିଗମ ବଡ଼ବିଲ ଆଞ୍ଚଳିକ କାର୍ଯ୍ୟାଳୟ ଅଧୀନସ୍ଥ ଖଣ୍ଡବନ୍ଧ ଲୌହ ଖଣିର ପାରିପାର୍ଶ୍ୱିକ ଗ୍ରାମ ଖଣ୍ଡବନ୍ଧଠାରେ ଛତୁ ଚାଷ ଉପରେ ବୁଧବାର ପୂର୍ବାହ୍ନ ୧୦ ଟାରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଖଣ୍ଡବନ୍ଧ ଲୌହ ଖଣିର ଖଣି ପ୍ରବନ୍ଧକ ସଞ୍ଜୀବ କୁମାର ପ୍ରଧାନ ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ ୩୦ ଜଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଯୋଗଦେଇ ଛତୁ ଚାଷର ପ୍ରଣାଳୀ, ଛତୁ ଚାଷର ଉପକାରିତା ଓ ସରକାରୀ ସହାୟତା ସମ୍ବନ୍ଧରେ ପ୍ରଶିକ୍ଷଣ ନେଇଥିଲେ। କେନ୍ଦୁଝରସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନର ସହଭାଗିତାରେ ଆୟୋଜିତ ହେଉଥିବା କାର୍ଯ୍ୟକ୍ରମରେ ସରକାରଙ୍କ ସ୍ୱୀକୃତି ପ୍ରାପ୍ତ ପ୍ରଶିକ୍ଷକ ଗୋପାଳଚନ୍ଦ୍ର ମହନ୍ତ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତାଲିମ କାର୍ଯ୍ୟକ୍ରମ ସେମାନଙ୍କୁ ଆର୍ଥିକ ଭାବରେ ସ୍ୱାବଲମ୍ବୀ କରିବା ସହ ଅପପୁଷ୍ଟି ରୋକିବାରେ ସହାୟକ ହେବ ବୋଲି ପ୍ରଶିକ୍ଷାର୍ଥୀ ମତ ରଖିଥିଲେ। ଓଡିଶା ଖଣି ନିଗମର ଆଞ୍ଚଳିକ ପ୍ରବନ୍ଧକ ଅବନିକାନ୍ତ ପ୍ରଧାନ ମତ ଦେଇଛନ୍ତି, ଆର୍ଥିକ ବର୍ଷ ୨୦୨୪-୨୫ରେ ବଡ଼ବିଲ ଆଞ୍ଚଳିକ କାର୍ଯ୍ୟାଳୟ ଅଧୀନରେ ଥିବା ଖଣି ପ୍ରଭାବିତ ଗ୍ରାମଗୁଡ଼ିକରେ ମୋଟ ୮ଟି ବ୍ୟାଚରେ ୩୧୫ ଜଣ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ଛତୁ ଚାଷ ଉପରେ ତାଲିମ ଦିଆଯାଇଛି। ସିଏସଆର କାର୍ଯ୍ୟକ୍ରମ ଅଧୀନରେ ହେଉଥିବା ଏହି କାର୍ଯ୍ୟକ୍ରମରେ ମା'ମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ସହ ଏ ଅଞ୍ଚଳରେ ଛତୁର ଚାହିଦା ମେଣ୍ଟାଇବାରେ ସହାୟକ ହେବ ବୋଲି ସେ କହିଛନ୍ତି। ବଡ଼ବିଲ ଆଞ୍ଚଳିକ କାର୍ଯ୍ୟାଳୟର ସିଏସଆର ମୁଖ୍ୟ ନୂତନ ରାଉତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ ଓ କାର୍ମୀକ ପ୍ରବନ୍ଧକ ପ୍ରେମ ଆଇଜାକ ଟିଗା ଧନ୍ୟବାଦ ଅର୍ପଣ କରିଥିଲେ ।

# ଚାକିରି ଦେବା ନାମରେ ଠକେଇ, ମହିଳା ଗିରଫ

କେନ୍ଦୁଝର,୨୬।୩(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରେ ସ୍ୱାସ୍ଥ୍ୟ ବିଭାଗରେ ଚାକିରି ଦେବା ନାମରେ ଠକେଇ ଅଭିଯୋଗ ହୋଇଛି। ଏ ନେଇ ମଙ୍ଗଳବାର କେନ୍ଦୁଝର ଟାଉନ ଥାନାରେ ୨ ଟି ଏତଲାରେ ୧୦ ଜଣ ଏବଂ ସଦର ଥାନାରେ ଜଣେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ପ୍ରମିଳା ପରିଡ଼ା ନାମକ ମହିଳାଙ୍କୁ ଗିରଫ କରିଛି। ସେ କେନ୍ଦୁଝର ସମେତ ପଡ଼ୋଶୀ ଜିଲାରୁ ବହୁ ଯୁବତୀ, ଯୁବକଙ୍କୁ ଠକିଥିବା ଅଭିଯୋଗ ହୋଇଛି। ଗିରଫ ପ୍ରମିଳା ପରିଡ଼ା ଜେଲରୋଡସ୍ଥିତ ଅମୃତ ବିହାରରେ ଭଡ଼ାରେ ରହୁଥିଲେ। ଅଭିଯୋଗ ଅନୁଯାୟୀ, ୨୦୨୦ରୁ ମହିଳା ଚାକିରି ଦେବା ନାମରେ ଏକ ର୍‍ୟାକେଟ ଚଲାଇ ଆସୁଥିଲେ। କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ଦଳିତା ଗ୍ରାମର ଶୁବାଶିଷ ବେହେରାଙ୍କ ଠାରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ କିରାଣି ଚାକିରି କରାଇଦେବାକୁ କହି ୧୩ ଜୁନ୍ ୨୦୨୨ରେ ୧ ଲକ୍ଷ ଟଙ୍କା ଫୋନ୍ ପେ ମାଧ୍ୟମରେ ନେଇଥିଲେ। ସେହିପରି ପ୍ରୀତମ ରାଉତଙ୍କଠାରୁ ୪୫ ହଜାର ଟଙ୍କା, ଯୋଗୀମଠ ଗ୍ରାମର ଜ୍ଞାନେନ୍ଦ୍ର ନାରାୟଣ ରାଉତଙ୍କଠାରୁ ୫୫ ହଜାର, ଧୃପଦା ଗ୍ରାମର ରଶ୍ମିତା ସେଠୀଙ୍କଠାରୁ ୫୫ ହଜାର, ଜାମୁଡ଼ିହା ଗ୍ରାମର ପ୍ରଦୀପ କୁମାର ସାହାଣୀଙ୍କଠାରୁ ମଧ୍ୟ ଟଙ୍କା ଠକି ନେଇଥିଲେ। ପୋଲିସ ଏକ ମାମଲା(ନଂ.୧୬୨/୨୦୨୫)ରୁଜୁ କରିଛି। ଅନ୍ୟ ଏକ ଅଭିଯୋଗ କ୍ରମେ ସୁନିଲ ଗିରି, ଉତ୍ତମ ମହାନ୍ତ, ବିନୋଦ ଆରୁକ, ରଶ୍ମିତା, ଚିନ୍ମୟ, ସୁନିଲ ସାହୁଙ୍କଠାରୁ ୭ ଲକ୍ଷ ୩୪ ହଜାର ୫୦୦ ଟଙ୍କା ଫୋନ୍ ପେ ମାଧ୍ୟମରେ ଏବଂ ୨ ଲକ୍ଷ ୧୦ ହଜାର ଟଙ୍କା ନଗଦ ଅର୍ଥ ନେଇଥିବା ଅଭିଯୋଗ ହୋଇଛି। ଏ ନେଇ ଅନ୍ୟ ଏକ ମାମଲା(ନଂ. ୧୬୦/୨୦୨୫) ରୁଜୁ ହୋଇଛି। ଚାକିରି ନ ପାଇ ନିରାଶ ହୋଇ ଅର୍ଥ ମାଗିଲେ ବିଭିନ୍ନ ଆଳ ଦେଖାଇ ଠକି ଆସୁଥିଲେ। ମହିଳାଙ୍କ ସହ ଅରୋବିହାର ଅଞ୍ଚଳର ଦୀପକ ସାହୁଙ୍କ ନାମରେ ମଧ୍ୟ ମାମଲା ରୁଜୁ ହୋଇଛି। ଠକ ମହିଳାଙ୍କୁ ୨ ଦିନିଆ ପୋଲିସ ରିମାଣ୍ଡରେ ଅଣାଯିବ ବୋଲି ଟାଉନ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ ସୂଚନା ଦେଇଛନ୍ତି।

# ଦରମା ଦାବିରେ ସଫେଇ କର୍ମଚାରୀଙ୍କ ଧାରଣା



ଧାରଣାରତ ସଫେଇ କର୍ମଚାରୀମାନେ।

ଆନନ୍ଦପୁର,୨୬।୩(ସୁଶାନ୍ତ କୁମାର ସାହୁ)

**ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀ ବକେୟା ଦରମା ଦାବିରେ ଧାରଣା ଦେଇଛନ୍ତି। ଏଥିରେ ସଫେଇ କର୍ମଚାରୀଙ୍କ ସମେତ ଠିକାସଂସ୍ଥା ଅଧୀନରେ ଥିବା ଅନ୍ୟ ବିଭାଗର କର୍ମଚାରୀ ମଧ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ଧାରଣାରେ ବସି ପୂର୍ଣ୍ଣ ସମର୍ଥନ କରିଛନ୍ତି। ଅଭିଯୋଗ ଅନୁଯାୟୀ, ସେମାନଙ୍କୁ ଠିକ୍ ସମୟରେ ଦରମା ମିଳୁ ନ ଥିବା ବେଳେ ସଫେଇ କାମ ପାଇଁ ଆବଶ୍ୟକ ସାମଗ୍ରୀ ମଧ୍ୟ ଦିଆଯାଉନାହିଁ। ଯାହାକୁ ନେଇ ବାରମ୍ବାର ଅଭିଯୋଗ କଲା ପରେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏହାର ପ୍ରତିବାଦରେ ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସଫେଇ କର୍ମଚାରୀ ସମେତ, କେଶଦୂରାପା, ଓଡ଼ପଡ଼ା, ପୁରୁଣାବାନ୍ଧଗୋଡ଼ା, ବାତୋ, ଭଣ୍ଡାରିଡ଼ିହା, ଦେଓଗାଁ, ଖାଲପାଳ, ନିପାଣିଆଁ ସ୍ୱାସ୍ଥ୍ୟକେନ୍ଦ୍ରର ସଫେଇ କର୍ମଚାରୀ ସାମିଲ ହୋଇଥିଲେ। ଅନ୍ୟପଟେ ସାଇଁକୁଳ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ରାଜେନ୍ଦ୍ର କୁମାର ମୁର୍ମୁ ଧାରଣାରତ ସଫେଇ କର୍ମଚାରୀଙ୍କୁ ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି। କର୍ମଚାରୀଙ୍କ ବକେୟା ଦରମା ଯଥାଶୀଘ୍ର ପ୍ରଦାନ ପାଇଁ ସମ୍ପୃକ୍ତ ଠିକାସଂସ୍ଥାର ଉଚ୍ଚ ପଦାଧିକାରୀଙ୍କୁ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଅନୁରୋଧ କରିଛନ୍ତି।

# ବାଲିଘାଟରେ ପୋଲିସକୁ ମରଣାନ୍ତକ ଆକ୍ରମଣ



ଗାଁ ଶୂନ୍‌ଶାନ୍ ହୋଇଯାଇଛି।

ହାଟଡ଼ିହୀ/ଛେନାପଦି,୨୬।୩
(ଶୁଭକାନ୍ତ ନାୟକ/ନିରାକାର ପରିଡ଼ା)

■ ୨ କନ୍‌ଷ୍ଟେବଲ ଗୁରୁତର, ୬ ଅଟକ
■ ଗିରଫ ଭୟରେ ବାଲିପଦା ଗାଁ ପୁରୁଷଶୂନ୍ୟ

କେନ୍ଦୁଝର ଜିଲା ନନ୍ଦିପଦା ଥାନା ଅଧୀନ ଜମ୍ବିରା ବାଲିପଦା ନିକଟରେ ପ୍ରବାହିତ ବୈତରଣୀ ନଦୀ ବାଲିଘାଟରେ ମଙ୍ଗଳବାର ରାତିରେ ପୋଲିସକୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଚୋରା ବାଲି ବ୍ୟବସାୟୀଙ୍କ ଆକ୍ରମଣରେ ୨ କନ୍‌ଷ୍ଟେବଲ ଗୁରୁତର ହୋଇଥିବା ଜଣାପଡ଼ିଛି। ଗୁରୁତର ଦ୍ୱୟ ହେଲେ ଅମୀୟ ଖଣ୍ଡାୟନ ଓ ପୃଥ୍ୱୀରାଜ ଜେନା। ଉଭୟଙ୍କୁ ଆନନ୍ଦପୁର ଉପଖଣ୍ଡ ମେଡିକାଲରେ ଭର୍ତ୍ତି କରାଯାଇଛି। ଘଟଣାରେ ସମ୍ପୃକ୍ତ ୬ ଜଣଙ୍କୁ ପୋଲିସ ଉଠାଇ ଆଣି ଥାନାରେ ଅଟକ ରଖିଛି।

ସୂଚନା ଅନୁଯାୟୀ, ଉକ୍ତ ଘାଟରେ ବେଆଇନ ବାଲିଉଠାଣ ହେଉଥିବା ଅଭିଯୋଗ ହେଉଥିଲା। ମଙ୍ଗଳବାର ସନ୍ଧ୍ୟା ୭ଟା ସମୟରେ ନନ୍ଦିପଦା ପୋଲିସର ୨ କନ୍‌ଷ୍ଟେବଲ ସାଧା ପୋଷାକରେ ଯାଞ୍ଚ ନିମନ୍ତେ ଯାଇଥିଲେ। ଏହି ସମୟରେ ବାଲିପଦାସ୍ଥିତ ବେଆଇନ ବାଲିଘାଟରୁ ଟ୍ରାକ୍ଟର ଯୋଗେ ଚୋରା ବାଲିଚାଲାଣ ହେଉଥିଲା। ପୋଲିସ କର୍ମଚାରୀ ବାଲି ବୋଝେଇ ଟ୍ରାକ୍ଟର ଅଟକାଇ ଯାଞ୍ଚ କରିଥିଲେ। ୨ଦିନ ପୂର୍ବରୁ ଉକ୍ତ ବାଲିପଦା ଗ୍ରାମର ଜଣେ ବ୍ୟକ୍ତି ଟ୍ରାକ୍ଟର ଯୋଗେ ବାଲି ନେଇ ଯାଉଥିବା ବେଳେ ନନ୍ଦିପଦା ପୋଲିସ ଜବତ କରିଥିଲା। ସେହି ରାଗରେ ବାଲି ବ୍ୟବସାୟୀ ସାଧା ପୋଷାକରେ ଥିବା ପୋଲିସଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରି ଲହୁଲୁହାଣ କରିଥିଲେ। ଆକ୍ରମଣରେ ୨ ଜଣ ଗୁରୁତରଙ୍କୁ ଉପଖଣ୍ଡ ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ଆନନ୍ଦପୁର ଏସ୍‌ଡିପିଓ ପ୍ରଶାନ୍ତ କୁମାର ବେହେରା, ନନ୍ଦିପଦା ଥାନା ଆଇପିଏସ ଅଧିକାରୀ ରାକେଶ କୁମାର ସାହୁ ଘଟଣାସ୍ଥଳକୁ ଯାଇ ଯାଞ୍ଚ କରିଥିଲେ। ଘଟଣାକୁ ନେଇ ବୁଧବାର ପୋଲିସ ନିଜ ପକ୍ଷରୁ ଏକ ମାମଲା(ନଂ. ୧୦୧/୨୫) ରୁଜୁ କରି ତଦନ୍ତ ଜାରି ରଖିଛି। ବାଲିପଦା ଗ୍ରାମରୁ ୨ଟି ବାଇକ ଜବତ କରିଛି। ଗ୍ରାମରେ ୨ ପ୍ଲାଟୁନ୍ ପୋଲିସ ମୁତୟନ ହୋଇଥିବା ବେଳେ ଗିରଫଦାରୀ ଭୟରେ ଗ୍ରାମ ପୁରୁଷ ଶୂନ୍ୟ ହୋଇଯାଇଛି।

# ଚେକ୍ ବାଉନ୍ସ ମାମଲାରେ ଗିରଫ ପରୱାନା

ହାଟଡିହୀ,୨୬।୩(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ମଠ କୁଣ୍ଡିସାହି ଗ୍ରାମର ଅଭିଯୋଗକାରୀ ବିଜୟ ମଲ୍ଲିକଙ୍କ ଦ୍ୱାରା ଆଗତ ଏକ ଚେକ୍ ବାଉନ୍ସ ମାମଲାରେ ମରିଗାଁ ସେବା ସମବାୟ ସମିତିର ସମ୍ପାଦକ ଶରତ କୁମାର ସେଠୀଙ୍କ ନାମରେ ହାଟଡ଼ିହୀ ଜେଏମ୍ଏଫ୍‌ସିଙ୍କ କୋର୍ଟ ତରଫରୁ ସାନି ଜାମିନୀ ବିହୀନ ଗିରଫ ପରୱାନା ଗତ ୨୧ରେ ଜାରି ହୋଇଛି। ନନ୍ଦିପଦା ପୋଲିସ ଅଭିଯୁକ୍ତଙ୍କୁ ହାଜର କରାଇବାକୁ କୋର୍ଟ ଆସନ୍ତା ୧୯ ମେ ୨୦୨୫କୁ ପରବର୍ତ୍ତୀ ତାରିଖ ଧାର୍ଯ୍ୟ କରିଛନ୍ତି। ସୂଚନା ଯୋଗ୍ୟ, ମାମଲାରେ ଗତ ୧୯ ମାର୍ଚ୍ଚ ୨୦୧୮ରେ ପ୍ରଥମ ଏନ୍‌ବିଡବ୍ଲ୍ୟୁଏ ଜାରି ହୋଇଥିଲା। ଅଭିଯୁକ୍ତ ସମ୍ପାଦକ ଏଥିରୁ ବର୍ତ୍ତିବା ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାକୁ ଶୁଣାଣି କରି ଗତ ୮ ଅଗଷ୍ଟ ୨୦୧୮ରେ ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଅଭିଯୁକ୍ତ ଆନନ୍ଦପୁର ଏସ୍‌ଡିଜେଏମଙ୍କ କୋର୍ଟରୁ ଜାମିନୀ ପାଇଥିଲେ। ପରବର୍ତ୍ତୀ ସମୟରେ କୋର୍ଟରେ ହାଜର ନ ହେବାରୁ ତାଙ୍କ ନାମରେ ଦିତୀୟ ଥର ପାଇଁ ୧୬ ମେ ୨୦୧୯ରେ ଏନ୍‌ବିଡବ୍ଲ୍ୟୁଏ ଜାରି ହୋଇଥିଲା। ପ୍ରକାଶଯୋଗ୍ୟ, ମାମଲା ପ୍ରଥମେ ଆନନ୍ଦପୁର ଏସ୍‌ଡିଜେଏମଙ୍କ କୋର୍ଟରେ ବିଚାରାଧୀନ ଥିଲା। ପରେ ହାଟଡ଼ିହୀଠାରେ ଏକ ନୂତନ କୋର୍ଟ ଖୋଲିବାରୁ ଏହି ମାମଲା ଏଠାକୁ ସ୍ଥାନାନ୍ତର ହୋଇଥିଲା।

# ଚୋରା ବାଲି ବୋଝେଇ ହାଇୱା ଜବତ

କେନ୍ଦୁଝର,୨୬।୩(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସହର ଏବଂ ଆଖପାଖ ଅଞ୍ଚଳକୁ ନିୟମିତ ଚୋରା ବାଲି ଚାଲାଣ ହେଉଛି। ଖଣି ବିଭାଗ ଏବଂ ପୋଲିସ ପକ୍ଷରୁ ନିୟମିତ ଚଢ଼ାଉ ହେଉଥିଲେ ହେଁ ବିଭିନ୍ନ ରାସ୍ତା ଦେଇ ବାଲି ଚୋରାଚାଲାଣ ହେଉଛି। ଟାଉନ୍ ପୋଲିସ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ରାସ୍ତାରେ ଗତ ୨୩ ତାରିଖ ଦିନ ଭୋର ସମୟରେ ଏକ ବାଲି ବୋଝେଇ ହାଇୱା ଗାଡି ଜବତ୍ କରିଥିଲା। ଆବଶ୍ୟକୀୟ ଟିପି ନ ଥିବାରୁ ହାଇୱା (ନଂ. ଓଡି ୦୯ ୟୁ ୯୩୮)କୁ ଜବତ୍ କରାଯିବା ସହ ଡ୍ରାଇଭର ମାନସ ରଞ୍ଜନ ନାୟକଙ୍କୁ ଗିରଫ କରାଯାଇଛି। ଘସିପୁରା ତହସିଲ ଅମଲାଙ୍କ ଅଞ୍ଚଳରୁ ଏକ ବାଲି ଘାଟରୁ ବିନା ଟିପିରେ ବାଲି ଚାଲାଣ ହୋଇ ଆସୁଥିଲା ବୋଲି ଜଣାପଡ଼ିଛି। ଏତେ ବାଟରୁ କିପରି ବାଲି ଟ୍ରକ୍ ଟି ଆସିଲା ଏବଂ ଅନ୍ୟ ପୋଲିସ ଜାଣିପାରିଲେ ନାହିଁ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଏକ ମାମଲା(ନଂ.୧୫୪/୨୦୨୫) ରୁଜୁ କରାଯାଇଛି। ସୂଚନାଯୋଗ୍ୟ, ଭୋର ସମୟରେ କେନ୍ଦୁଝର ସହରକୁ ବହୁ ସଂଖ୍ୟାରେ ଚୋରା ବାଲି ଟ୍ରକ୍ ଆସୁଛି। ସହରର ବିଭିନ୍ନ ସ୍ଥାନରେ ଥିବା ବେଆଇନ ଷ୍ଟକୟାର୍ଡରେ ଅନଲୋଡ କରାଯାଇ ବିକ୍ରି ହେଉଛି। ତେବେ ପୋଲିସ ତଥା ଖଣି ବିଭାଗ ସବୁ ବେଆଇନ ଷ୍ଟକ ୟାର୍ଡଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଚୋରା କାରବାର ବଢୁଥିବା ଅଭିଯୋଗ ହୋଇଛି।

## ମୟୂରଭଞ୍ଜ

# ବାଲି ବୋଝେଇ ଟ୍ରାକ୍ଟର ଜବତ

ବୈଶିଙ୍ଗା,୨୬।୩(ରତନ ଦାଶ)





ଜବତ ବାଲି ବୋଝେଇ ଟ୍ରାକ୍ଟର।

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅର୍ନ୍ତଗତ ବାଲକା ଓ ରଙ୍ଗାମାଟିଆଠାରେ ପୋଲିସ ଚଢ଼ାଉ କରି ଦୁଇଟି ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛି। ଏହି ଟ୍ରାକ୍ଟର ଗୁଡ଼ିକୁ ସୁରକ୍ଷା ଯୋଗାଇଦେବା ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଥିବା ଦୁଇଟି କାର ଓ ଗୋଟିଏ ବାଇକ ମଧ୍ୟ ଜବତ କରାଯାଇଛି। ଏହି ଘଟଣାରେ ପୋଲିସ ଉପରକୁ ଗାଡ଼ି ଚଢ଼ାଇବାକୁ ଉଦ୍ୟମ କରିଥିବା ଅଭିଯୋଗରେ ଟ୍ରାକ୍ଟର ଚାଳକ ବାଲେଶ୍ୱର ଜିଲାର ଆମ୍ବୁଲକୁଡା ଗ୍ରାମର ସଞ୍ଜିତ ମହାଲିକଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟ ୭ ଜଣଙ୍କୁ ନୋଟିସ ଜାରି କରାଯାଇଥିବା ପୋଲିସ ସୂଚନା ଦେଇଛି।

ସୂଚନା ଅନୁଯାୟୀ, ବୁଢ଼ାବଲଙ୍ଗ ନଦୀର ଗଣ୍ଡର୍ଦା ଘାଟରେ ଚୋରା ବାଲି ଚାଲାଣ କରାଯାଉଥିବା ଖବରପାଇ ବୁଧବାର ଭୋର ସମୟରେ ବାଲକା ଓ ରଙ୍ଗାମାଟିଆ ଛକ ନିକଟରେ ବେତନଟୀ ଏସ୍‌ଡିପିଓ ମୀନତୀ ବିଶ୍ୱାଳଙ୍କ ନେତୃତ୍ୱରେ ପୋଲିସ ଟିମ୍ ଜଗି ବସିଥିଲା। ଟ୍ରାକ୍ଟରଗୁଡ଼ିକୁ ଅଟକାଇବାକୁ ଚେଷ୍ଟା କରିବାରୁ ଗୋଟିଏ ଟ୍ରାକ୍ଟର ଡ୍ରାଇଭର ସଞ୍ଜିତ ପୋଲିସ ଉପରକୁ ଗାଡ଼ି ଚଢ଼ାଇ ଦେବାକୁ ଉଦ୍ୟମ କରୁଥିବା ବେଳେ ଏହାକୁ ଜବତ କରାଯାଇଥିଲା। ଉଭୟ ଟ୍ରାକ୍ଟରକୁ ସୁରକ୍ଷା ଯୋଗାଇଦେବା ଉଦ୍ଦେଶ୍ୟରେ ବ୍ୟବହାର କରାଯାଇଥିବା ଦୁଇଟି ମାରୁତି କାର ଓ ଏକ ମୋଟରସାଇକେଲ ଜବତ କରି ଥାନାକୁ ଅଣାଯାଇଛି। ଏ ସଂକ୍ରାନ୍ତରେ ବୈଶିଙ୍ଗା ଥାନାରେ ଦୁଇଟି ମାମଲା(ନଂ. ୧୨୫ /୨୫ ଓ ୧୨୬/୨୫)ରେ ଦୁଇଟି ମାମଲା ରୁଜୁ କରାଯାଇଛି।

# ହଷ୍ଟେଲରୁ ଛାତ୍ରୀଙ୍କ ମୃତଦେହ ଜବତ

ଉଦଳା,୨୬।୩(ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଉଦଳାସ୍ଥିତ ଆଦିବାସୀ ଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଅନ୍ୱେଷା ହଷ୍ଟେଲର ବାଲକୋନୀରୁ ଜଣେ ଅନ୍ତେବାସିନୀଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ସେ ହେଲେ ମର୍ଣ୍ଣିଙ୍ଗ ଷ୍ଟାର ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ତନ୍ମୟୀ ମୁର୍ମୁ। ବୁଧବାର ହଷ୍ଟେଲରେ ଅଭିଭାବକ ବୈଠକ ଥିବା ବେଳେ ତନ୍ମୟୀଙ୍କ ପରିବାର ଲୋକେ ଆସିଥିଲେ। ଅପରାହ୍ନ ୫ଟାରେ ଝିଅ ସହ କଥା ହୋଇ ଘରକୁ ଫେରିଥିଲେ। ହେଲେ ସନ୍ଧ୍ୟାରେ ପ୍ରାର୍ଥନା ସମୟରେ ତନ୍ମୟୀ ଅନୁପସ୍ଥିତ ଥିଲେ। ତାଙ୍କୁ ଖୋଜାଖୋଜି କରିବା ପରେ ତୃତୀୟ ମହଲାର ବାଲକୋନୀରେ ବେକରେ ଓଢ଼ଣୀ ବାନ୍ଧି ଝୁଲି ପଡ଼ିଥିବା ଦେଖିବାକୁ ମିଳିଥିଲା। ଉଦଳା ପୋଲିସ ସହିତ ପ୍ରଶାସନିକ ଅଧିକାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଖବର ପାଇ ଛାତ୍ରୀଙ୍କ ପରିବାର ହଷ୍ଟେଲରେ ପହଞ୍ଚିଥିବା ସୂଚନା ମିଳିଛି।

# ଶିକ୍ଷକଙ୍କ ଉଲଗ୍ନ ମୃତଦେହ ଜବତ

ବୈଶିଙ୍ଗା,୨୬।୩(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଅଁଳା ପଞ୍ଚାୟତର ତେନ୍ତୁଳିଗାଁ ଗ୍ରାମର ଜଣେ ଶିକ୍ଷକଙ୍କ ଉଲଗ୍ନ ମୃତଦେହ ଝୁଲନ୍ତା ଅବସ୍ଥାରେ ଏକ ଗଛରୁ ଉଦ୍ଧାର କରାଯାଇଛି। ପାରିବାରିକ ଅଶାନ୍ତିରୁ ସେ ଆତ୍ମହତ୍ୟା କରିଥିବା କୁହାଯାଉଥିବା ବେଳେ ତାଙ୍କ ମୃତ୍ୟୁକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ମୃତ ଶିକ୍ଷକ ଜଣକ ହେଲେ ହାଡିବନ୍ଧୁ ସୋରେନ। ସେ ସିଙ୍ଗଡିହା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ସଂକ୍ରାନ୍ତରେ ମୃତକଙ୍କ ବାପାଙ୍କ ଏତଲାକୁ ଭିତ୍ତି କରି ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୩/୨୫) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଦେବାଶିଷ ମଣ୍ଡଳ କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ପାରିବାରିକ ଅଶାନ୍ତି ଯୋଗୁ ହାଡିବନ୍ଧୁଙ୍କ ସ୍ତ୍ରୀ ଦେଢ଼ ବର୍ଷ ହେବ ବାପଘରେ ରହୁଛନ୍ତି। ଫଳରେ ହାଡ଼ିବନ୍ଧୁ ମାନସିକ ଚାପଗ୍ରସ୍ତ ହୋଇପଡ଼ିଥିଲେ। ମଙ୍ଗଳବାର ରାତି ୧୨ଟା ସମୟରେ ସେ ନିଶାସକ୍ତ ଅବସ୍ଥାରେ ଘରକୁ ଆସି ପାଟିତୁଣ୍ଡ କରିଥିଲେ। ପରିବାର ଲୋକେ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ ହେଁ ସେ ଲୁଗାପଟା ଫିଙ୍ଗି ଦେଇ ଉଲଗ୍ନ ଅବସ୍ଥାରେ ଦୌଡ଼ି ପଳାଇଥିଲେ। ତେବେ ବୁଧବାର ସକାଳ ୯ଟା ସମୟରେ ଘରଠାରୁ ୩ କି.ମି. ଦୂରରେ ଥିବା ନିମଡ଼ିହା ଜଙ୍ଗଲର ଏକ ଗଛରେ ବେକରେ ଫାଶୀ ଲଗାଇ ଝୁଲିପଡ଼ିଥିବା ଦେଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ।

# ୯ କୋଟି ୯୧ଲକ୍ଷ ସହାୟତା ରାଶି ପ୍ରଦାନ

ବାରିପଦା,୨୬।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାର ବିଶୋଇ ଓ ବାଙ୍ଗିରିପୋଷି ବ୍ଲକ ଅଞ୍ଚଳରେ କାଳବୈଶାଖୀରେ କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ପ୍ରଦାନ ଜାରିରହିଛି। ବୁଧବାର ଅପରାହ୍ନ ସୁଦ୍ଧା ଦୁଇଟି ବ୍ଲକରେ ମୋଟ ୧୨୮୩ ହିତାଧିକାରୀଙ୍କୁ ୯ କୋଟି ୯୧ ଲକ୍ଷ ୩୩ ହଜାର ୫୦୦ ଟଙ୍କା ପ୍ରଦାନ କରାଯାଇଛି । ଅଦିନିଆ ଝଡତୋଫାନରେ ସର୍ବସ୍ୱ ହରାଇଥିବା ପରିବାରକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୨୪ ଘଣ୍ଟିଆ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ବିଶୋଇ ବ୍ଲକରେ ସର୍ବାଧିକ କ୍ଷତିଗ୍ରସ୍ତ ପରିବାର ମଧ୍ୟରୁ ୭୫୫ ହିତାଧିକାରୀଙ୍କୁ ୯ କୋଟି ୬୬ ଲକ୍ଷ ୪୦ ହଜାର ଟଙ୍କା ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଛି। ସେହିପରି ବାଙ୍ଗିରିପୋଷି ବ୍ଲକ୍ ଅଞ୍ଚଳରେ ୫୨୮ ହିତାଧିକାରୀଙ୍କୁ ମୋଟ ୨୪ ଲକ୍ଷ ୯୩ ହଜାର ୫୦୦ ଟଙ୍କା ପ୍ରଦାନ କରାଯାଇଛି।

# ବନାଗ୍ନି ସଚେତନତା କାର୍ଯ୍ୟକ୍ରମ

ବାରିପଦା,୨୬।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଜଙ୍ଗଲକୁ ନିଆଁ ଦାଉରୁ ସୁରକ୍ଷା ଦେବା ନେଇ ବନ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ବୁଧବାର ରାଇରଙ୍ଗପୁର ବନଖଣ୍ଡ ଡିଭିଜନ ଅଧୀନରେ ଥିବା ଶିମିଳିପାଳ ଅଭୟାରଣ୍ୟ ପାଦଦେଶର ଗାଁଗୁଡ଼ିକରେ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଜଙ୍ଗଲ ନିଆଁ ଦ୍ୱାରା ଜଳବାୟୁ ଓ ପରିବେଶ ଉପରେ ପଡୁଥିବା ପ୍ରଭାବ ସମ୍ପର୍କରେ ଅବଗତ କରାଯାଇଛି। ଜଙ୍ଗଲ ପାଇଁ ଜଳ,ବାୟୁ ଓ ମୃତ୍ତିକା ସଂରକ୍ଷଣ ସମ୍ଭବ। ଏପରିକି ଜଙ୍ଗଲକୁ ସୁରକ୍ଷା ଯୋଗାଇଲେ ଜଳ ଓ ବାୟୁର ସଙ୍କଟ ଦୂର ହେବା ସହ ମୃତ୍ତିକା ସଂରକ୍ଷଣ ହୋଇପାରିବ ବୋଲି ଲୋକମାନଙ୍କୁ ଅବଗତ କରାଯାଇଥିଲା। ଏହି ଅବସରରେ ଜଙ୍ଗଲକୁ ସୁରକ୍ଷା ଦେବା ପାଇଁ ଗ୍ରାମବାସୀ ସଙ୍କଳ୍ପ ନେବା ସହ ସମୂହ ଶପଥପାଠ କରିଥିଲେ। ପାହାଡ଼ପୁର ବନ ସୁରକ୍ଷା ସମିତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲା।

# ଦ୍ୱୈତ ଶାସନ ବ୍ୟବସ୍ଥା, ଅଟକିଛି ଉନ୍ନତୀକରଣ

ବୈଶିଙ୍ଗା,୨୬।୩(ରତନ ଦାଶ)



ଡାହିବାଡ଼ି ସାପ୍ତାହିକ ହାଟ।

**ଡାହିବାଡ଼ି ହାଟରେ ବଢୁଛି ଅସାମାଜିକ କାର୍ଯ୍ୟ**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଉପକଣ୍ଠ ପୁରାତନ ଡାହିବାଡ଼ି ସାପ୍ତାହିକ ହାଟରେ ଅବ୍ୟବସ୍ଥା ଚରମ ସ୍ଥିତିରେ ପହଞ୍ଚିଛି। ମୟୂରଭଞ୍ଜ ମହାରାଜାଙ୍କ ଅମଳର ଏହି ସର୍ବପୁରାତନ ଚଳଚଞ୍ଚଳ ହାଟ ବ୍ୟବସାୟିକ କାରବାର ଦୃଷ୍ଟିକୋଣରୁ ଖୁବ୍ ଗୁରୁତ୍ୱବହନ କରେ। ବୁଧବାର ଓ ଶନିବାର ଦୁଇଦିନ ହାଟ ଲାଗୁଥିବା ବେଳେ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଦୋକାନୀ ଏବଂ ୫୦୦୦ରୁ ଊର୍ଦ୍ଧ୍ୱ ଗ୍ରାହକଙ୍କ ଗହଳି ଲାଗିଥାଏ। ବ୍ୟବସାୟୀକ କାରବାର ଦିବସକୁ ଛାଡ଼ି ଦେଲେ ଅନ୍ୟ ଦିନ ମାନଙ୍କରେ ସମଗ୍ର ଅଞ୍ଚଳ ଅନ୍ଧାର ଭିତରେ ପଡ଼ି ରହିଥାଏ। ଫଳରେ ଏହି ଅଞ୍ଚଳ ନିଶାସକ୍ତ ଏବଂ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀରେ ପରିଣତ ହୋଇଥାଏ। ତେବେ ବଡ଼ସାହି ବିଧାୟକ ସନାତନ ବିଜୁଳି ନିଜସ୍ୱ ହାତ ପାଣ୍ଠିରୁ ଏହି ହାଟ ମଧ୍ୟରେ ଚାରଟି ଖୁଣ୍ଟରେ ୧୬ରୁ ଊର୍ଦ୍ଧ୍ୱ ହାଇମାକ୍ସ ଲାଇଟ ବନ୍ଦୋବସ୍ତ କରିଥିଲେ। ବିଧାୟକଙ୍କ ଏହି ପଦକ୍ଷେପ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ସାଧୁବାଦ ଜଣାଇଥିଲେ। ହେଲେ ଲାଇଟ ଲଗାଇବାର ମାତ୍ର ତିନିମାସ ପରେ ଦୁଇ ଖୁଣ୍ଟରେ ଥିବା ୮ରୁ ଊର୍ଦ୍ଧ୍ୱ ହାଇମାକ୍ସ ଲାଇଟ ଚୋରି ହୋଇଯାଇଥିଲା। ସ୍ଥାନୀୟ ପୋଲିସର ନିଷ୍କ୍ରିୟତା ଯୋଗୁ ଏଯାଏ ଦୁର୍ବୃତ୍ତଙ୍କ କୌଣସି ପତ୍ତା ମିଳିନାହିଁ। ବର୍ତ୍ତମାନ ସମୟରେ ଦୁଇ ହାଟପାଳି ବ୍ୟତୀତ ରାତ୍ରି ସମୟରେ ପୁଣି ଜୁଆଡ଼ି, ନିଶାସକ୍ତ ଏବଂ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ଜମୁଥିବା ଦେଖାଯାଉଛି।

ଏହି ହାଟଟି ବୈଶିଙ୍ଗା ପଞ୍ଚାୟତର ମୁଖ୍ୟ ରାଜସ୍ୱ ଆଦାୟକାରୀ ହାଟ ହୋଇଥିବା ବେଳେ ଜିଲା ପ୍ରଶାସନର ଏକତରଫା ନିଷ୍ପତ୍ତି କ୍ରମେ ୨୫ ବର୍ଷ ତଳେ ହାଟରୁ ମାହାସୁଲ ଆଦାୟକୁ ନେଇ ଭାଗିଦାରୀ ହିସାବରେ ଆରଏମସି ଓ ବୈଶିଙ୍ଗା ପଞ୍ଚାୟତକୁ ଯୁଗ୍ମ ଦାୟିତ୍ୱ ଦିଆଯାଇଥିଲା। ଫଳରେ ଦ୍ୱୈତ୍ୟ ଶାସନ ବ୍ୟବସ୍ଥା ଯୋଗୁ ଆରଏମସି କିମ୍ବା ପଞ୍ଚାୟତ କର୍ତ୍ତୃପକ୍ଷ କେହିହେଲେ ଏହାର ଉନ୍ନତୀକରଣ ପ୍ରତି କୌଣସି ପଦକ୍ଷେପ ନେଉନାହାନ୍ତି। ଏହି ହାଟର ଆଲୋକୀକରଣ, ଉନ୍ନତୀକରଣ ଏବଂ ଅସାମାଜିକ ଯୁବକଙ୍କ ଦୌରାତ୍ମ୍ୟ ରୋକିବା ପାଇଁ ଜିଲା ପ୍ରଶାସନ, ଆରଏମସି କର୍ତ୍ତୃପକ୍ଷ ଏବଂ ପୋଲିସ ପ୍ରଶାସନ ଠୋସ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ତେବେ ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସଙ୍କୁ ଏ ବିଷୟରେ ପଚାରିବାରୁ ସେ ନୂଆକରି ଏହି ଥାନାରେ ଦାୟିତ୍ୱ ନେଇଥିବା ବେଳେ ଆଗାମୀ ଦିନରେ ଏହି ଅଞ୍ଚଳ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବେ ଏବଂ ଆବଶ୍ୟକସ୍ଥଳେ ଅସାମାଜିକଙ୍କ ଉପଦ୍ରବ ରୋକିବାକୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ବେତନଟୀ ନିୟନ୍ତ୍ରୀତ ବଜାର କମିଟିର ସମ୍ପାଦକ ସଦାନନ୍ଦ ମାରାଣ୍ଡିଙ୍କୁ ଏ ସମ୍ପର୍କରେ ପଚାରିବାରୁ ଏହି ଅଞ୍ଚଳରେ ଆଲୋକୀକରଣ ପାଇଁ ତ୍ୱରିତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

**ସାଜନପୁର ସେବା ସମବାୟ ସମିତିରେ ଭିଜିଲାନ୍ସର ତନାଘନା**

ସୋର, ୨୬।୩(ଜନ୍ମେଜୟ ମିଶ୍ର): ସୋର ବ୍ଲକ ସାଜନପୁର ସେବା ସମବାୟ ସମିତିରେ ଭିଜିଲାନ୍ସର ଦୁଇ ଜଣିଆ ଟିମ୍ ତନାଘନା କରିବା ସହିତ କାଗଜପତ୍ର ଯାଞ୍ଚ କରି ଫେରିଥିବା ଜଣାପଡିଛି। ବାଲେଶ୍ୱର ଭିଜିଲାନ୍ସ ବିଭାଗର ଜଣେ ଡିଏସ୍‌ପିଙ୍କ ସମେତ ଦୁଇଜଣିଆ ଟିମ ସମବାୟ ସମିତିରେ ପହଞ୍ଚି ତନାଘନା କରିବା ସହିତ ବିଭିନ୍ନ କାଗଜପତ୍ର ମଧ୍ୟ ଯାଞ୍ଚ କରିଥିଲେ। ଏହି ସମବାୟ ସମିତିରେ ଋଣ ହେରଫେର ହୋଇଥିବା ନେଇ କିଛି ଚାଷୀ ଅଭିଯୋଗ କରିବା ପରେ ଭିଜିଲାନ୍ସର ଏହି ଟିମ୍ ବୁଧବାର ସନ୍ଧ୍ୟାରେ ସମିତିରେ ପହଞ୍ଚି ଯାଞ୍ଚ କରି ଫେରିଛନ୍ତି।

## ବାଲେଶ୍ୱର

# ଭୋଗରାଇ ବ୍ଲକ୍‌ରେ ମହିଳାଙ୍କ ବିକ୍ଷୋଭ

ଭୋଗରାଇ, ୨୬।୩(ପ୍ରଦୀପ ଦାସ)

ସମସ୍ତ ସରକାରୀ ଓ ବେସରକାରୀ ମଦ ଦୋକାନ ଅବିଳମ୍ବେ ବନ୍ଦ, ମଦ, ମାଦକଦ୍ରବ୍ୟ ସହ ନାରୀ ନିର୍ଯାତନା, ଅଶ୍ଳୀଳତା ପ୍ରଚାର ଓ ପ୍ରସାର ବନ୍ଦ, ନାରୀ ଅଧିକାର ଓ ସୁରକ୍ଷା ଆଦି ଦାବିରେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସାରା ଭାରତ ମହିଳା ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ବୁଧବାର ପୃଥକ ଭାବେ ଭୋଗରାଇ ବ୍ଲକରେ ମହିଳାଙ୍କ ବିକ୍ଷୋଭ ଓ ଥାନାରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହାର ନେତୃତ୍ୱ ନେଇଥିଲେ ଭୋଗରାଇ ମହିଳା ସାଂସ୍କୃତିକ ସଙ୍ଗଠନର ସମ୍ପାଦିକା ପିଙ୍କି ମଲ୍ଲିକ, ସଙ୍ଗଠକ ସରୋଜିନୀ ମହାନ୍ତି, କ୍ରିଷ୍ଣାରାଣୀ ସାହୁ, ସସ୍ମିତା ମହାନ୍ତି, ସ୍ୱର୍ଣ୍ଣଲତା ପଟ୍ଟାୟତ, ସୀତା ବେହେରା, ସ୍ୱର୍ଣ୍ଣଲତା ବେହେରା ପ୍ରମୁଖ ଆନ୍ଦୋଳନକାରୀମାନେ ବ୍ଲକରେ ଦୀର୍ଘ ସମୟ ବିକ୍ଷୋଭ ପ୍ରଦର୍ଶନ ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଭୋଗରାଇ ବିଡିଓ ପ୍ରଶାନ୍ତ କୁମାର ମହାରଣାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଭୋଗରାଇ ଥାନା ଅଧିକାରୀ ବଲ୍ଲଭ ସାହୁଙ୍କୁ ଦାବିପତ୍ର ପ୍ରଦାନ କରି ଆନ୍ଦୋଳନ ସ୍ଥଗିତ ରଖିଥିଲେ।

# ୧୧୫ ଅଲିଭରିଡ୍‌ଲେ ଛୁଆଙ୍କୁ ସମୁଦ୍ରରେ ଛାଡ଼ିଲା ବନ ବିଭାଗ

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ (ଅମୂଲ୍ୟ କୁମାର ଦାସ)/ ଲଙ୍ଗଳେଶ୍ୱର (କମଳାକାନ୍ତ ଦାସ), ୨୫।୩

ଅଲିଭରିଡ୍‌ଲେ କଇଁଛ ଅଣ୍ଡାଦାନ ଚଳିତବର୍ଷ ସବୁବର୍ଷର ରେକର୍ଡ ଭାଙ୍ଗିଛି। ମଙ୍ଗଳବାର ପୂର୍ବାହ୍ନରେ ପ୍ରଥମଥର ଚଉମୁଖ ସମୁଦ୍ର ବେଳାଭୂମିରେ ବନଖଣ୍ଡ ଅଧିକାରୀ ଖୁଶବନ୍ତ ସିଂଙ୍କ ନିର୍ଦ୍ଦେଶରେ ବାଲେଶ୍ୱର ଚାନ୍ଦିପୁର ରେଞ୍ଜ ଅଧିକାରିଣୀ ଜୟଶ୍ରୀ ମୁର୍ମୁଙ୍କ ତତ୍ତ୍ୱାବଧାନରେ ଲଙ୍ଗଳେଶ୍ୱର ଫରେଷ୍ଟର ମନୋଜ କୁମାର ଧଡ଼ା ଓ ଫରେଷ୍ଟର ସାଗରିକା ସିଂ ତଥା ବନ ବିଭାଗର ଅନ୍ୟାନ୍ୟ କର୍ମଚାରୀଙ୍କ ସହିତ ସ୍ଥାନୀୟ ବାସିନ୍ଦା ଓ ବାଲିଆପାଳ ବ୍ଲକ ଉପାଧ୍ୟକ୍ଷ ରାଜେଶ ଚୌଧୁରୀଙ୍କ ଉପସ୍ଥିତରେ ପ୍ରଥମ ଦିନରେ ୧୧୫ କଇଁଛ ଛୁଆଙ୍କୁ ସମୁଦ୍ରରେ ଛଡ଼ାଯାଇଛି ବୋଲି ଫରେଷ୍ଟର ଶ୍ରୀମତୀ ସିଂ କହିଛନ୍ତି।

ଚଳିତବର୍ଷ ଜାନୁଆରୀ ପ୍ରଥମରୁ ମାର୍ଚ୍ଚ ପର୍ଯ୍ୟନ୍ତ ଚଉମୁଖ ଓ ଡଗରା ସମୁଦ୍ର ବେଳାଭୂମିରୁ ଅସ୍ଥାୟୀ ବନରକ୍ଷୀ ଦୁର୍ଜୟ କରଣ, ଗିରିଧାରୀ ଦାସ



ବେଳାଭୂମିରେ କଇଁଛ ଛୁଆଗୁଡ଼ିକୁ ଛଡ଼ାଯାଉଛି।

ଓ ଅନ୍ୟମାନଙ୍କ ଦ୍ୱାରା ସମୁଦ୍ର ବେଳାଭୂମିରୁ ୬୮ଟି କଇଁଛଠାରୁ ବିଭିନ୍ନ ପର୍ଯ୍ୟାୟରେ ୧୦ହଜାର ୩ଶହ ଅଣ୍ଡାକୁ ସଂଗ୍ରହ କରି କୃତ୍ରିମ ପ୍ରଜନନ କେନ୍ଦ୍ରରେ ସୁରକ୍ଷିତ ଭାବେ ରଖାଯାଇଛି। ସେଥିମଧ୍ୟରୁ ପ୍ରଥମ ପର୍ଯ୍ୟାୟର ୧୨୬ ଅଣ୍ଡା ସଂଗ୍ରହ ମଧ୍ୟରୁ ୧୧୫ଟି କଇଁଛ ଛୁଆ ବାହାରିବା ପରେ ତାକୁ ସମୁଦ୍ରରେ ଛାଡ଼ି ଦିଆଯାଇଛି। ଗତବର୍ଷ ଏଠାରୁ ୨୬ଟି କଇଁଛଠାରୁ ୨ହଜାର ୫ଶହ ଅଣ୍ଡା ସଂଗ୍ରହ କରାଯାଇ ଡଗରା କୃତ୍ରିମ ପ୍ରଜନନ କେନ୍ଦ୍ରରେ ରଖାଯାଇଥିଲା। ତା' ମଧ୍ୟରୁ ୨ ହଜାରରୁ ଅଧିକ ଛୁଆଙ୍କୁ ସୁରକ୍ଷିତ ଭାବେ ସମୁଦ୍ରରେ ବିଭିନ୍ନ ପର୍ଯ୍ୟାୟରେ ଛଡ଼ାଯାଇଥିବା ବେଳେ ଚଳିତବର୍ଷ ତା'ଠାରୁ ବହୁ ଅଧିକ କଇଁଛଙ୍କ ଅଣ୍ଡାଦାନ ହେବାର ବନବିଭାଗ ଆଶା ରଖିଛି। କଇଁଛଗୁଡ଼ିକ ସମୁଦ୍ର ପାଣି ଭିତରେ ବାଲିରେ ଥିବା ଅନାବଶ୍ୟକ ବସ୍ତୁକୁ ଖାଇ ସଫା କରିଦେଇଥାଏ। ସେଥିପାଇଁ କଇଁଛର ବଂଶ ବୃଦ୍ଧି କରାଯାଇଥାଏ। ପ୍ରତିବର୍ଷ ନଭେମ୍ବରଠାରୁ ମେ' ମଧ୍ୟରେ କଇଁଛଗୁଡ଼ିକ ଅଣ୍ଡା ଦେଇଥାନ୍ତି। କଇଁଛମାନେ ସମୁଦ୍ର କୂଳରେ ଭୋର ସମୟରେ ଅଣ୍ଡା ଦେଇ ସମୁଦ୍ରକୁ ଫେରିଥାଆନ୍ତି। ବନରକ୍ଷୀମାନେ ସେହି ଅଣ୍ଡାଗୁଡ଼ିକୁ ସଂଗ୍ରହ କରି ଚଉମୁଖ, ଡଗରା, ହଁସକରା ଓ କଷାଫଳ ଅସ୍ଥାୟୀ କୃତ୍ରିମ ପ୍ରଜନନ କେନ୍ଦ୍ରରେ ସୁରକ୍ଷିତ ଭାବେ ରଖିଥାନ୍ତି। ପର୍ଯ୍ୟାୟକ୍ରମେ ସେହି ଅଣ୍ଡାଗୁଡିକରୁ ଛୁଆ ବାହାରିବା ପରେ ତାକୁ ସମୁଦ୍ରରେ ଛଡାଯାଇଥାଏ ବୋଲି ବନବିଭାଗ ଅଧିକାରୀମାନେ କହିଛନ୍ତି। ଚଳିତବର୍ଷ ୧୦ହଜାର ୩ଶହ ଅଣ୍ଡାରୁ ୧୦ହଜାରରୁ ଅଧିକ ଛୁଆ ସଂଗ୍ରହ କରାଯିବାର ଲକ୍ଷ୍ୟଧାର୍ଯ୍ୟ ରଖାଯାଇଥିବା ଫରେଷ୍ଟର ମନୋଜ କୁମାର ଧଡା କହିଛନ୍ତି। ବନବିଭାଗର ସମସ୍ତ ଅଫିସର ଓ କର୍ମଚାରୀମାନେ ଜଙ୍ଗଲକୁ ରକ୍ଷା କରିବା ସହିତ ସମୁଦ୍ର ତଟର ସୁରକ୍ଷା ଝାଉଁ ଜଙ୍ଗଲ ସୃଷ୍ଟି କରି ତାର ରକ୍ଷଣାବେକ୍ଷଣ ସହିତ କଇଁଛମାନଙ୍କର ସୁରକ୍ଷା ଦିଗରେ କାର୍ଯ୍ୟ କରିଥାନ୍ତି। ଲଙ୍ଗଳେଶ୍ୱର ସେକ୍ସନ ଅଧୀନରେ ଥିବା ଚଉମୁଖ, ଡଗରା, ହଁସକରା ଓ କଷାଫଳ ବନବିଭାଗରେ ୫ଜଣ ଫରେଷ୍ଟ ଗାର୍ଡ ରହିବା କଥା ମାତ୍ର ଜଣେ ବୋଲି ନାହିଁ। ଆବଶ୍ୟକ ଥିବା କର୍ମଚାରୀ ରହିଲେ ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦନ ହୋଇପାରନ୍ତା। ତଥାପି ଖୁବ୍‌ଶୀଘ୍ର ଫରେଷ୍ଟ ଗାର୍ଡ ପଦବୀ ପୂରଣ ହେବ ସେଥିପାଇଁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଫରେଷ୍ଟର ସାଗରିକା ସିଂ କହିଛନ୍ତି।

# ବାରୁଣୀ ମେଳାକୁ କେନ୍ଦ୍ରକରି ୨ ଗୋଷ୍ଠୀ ମୁହାଁମୁହିଁ

## ଗାଁରେ ୧୪୪ ଧାରା ଜାରି

ଜଳେଶ୍ୱର, ୨୬।୩(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଶିଖରପୁର ପଞ୍ଚାୟତ ମହୁଲିଆ ଗ୍ରାମରେ ୧୨ନଂ. ୱାର୍ଡରେ ହେଉଥିବା ବାରୁଣୀ ମେଳାକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହେତୁ ଗ୍ରାମରେ ୧୪୪ ଧାରା ଜାରି ହୋଇଛି। ସୂଚନା ଅନୁସାରେ ପୂର୍ବରୁ ଏହି ଗ୍ରାମରେ ଗତବର୍ଷ ଚଡ଼କ ମେଳା ଅନୁଷ୍ଠିତ ହୋଇଥିଲା। କୌଣସି କଥାକୁ କେନ୍ଦ୍ର କରି ଗଣ୍ଡଗୋଳ ଉପୁଜିଥିଲା। ଏହି ଗଣ୍ଡଗୋଳକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ଥାନାରେ ଦ୍ୱାରସ୍ଥ ହୋଇଥିଲେ। ସମ୍ପୃକ୍ତ ଘଟଣାର ସମାଧାନ ପାଇଁ ଉଭୟ ଗୋଷ୍ଠୀଙ୍କୁ ଥାନାକୁ ଡକାଇ ଥାନା ଅଧିକାରୀ ଆପୋଷ ବୁଝାମଣା ପାଇଁ ଚେଷ୍ଟା କରିଥିବା ବେଳେ ଏହା ସମାଧାନ ହୋଇ ପାରି ନ ଥିଲା। ଫଳରେ ଗ୍ରାମରେ ହେଉଥିବା ବିଭିନ୍ନ ପୂଜା ଯଥା ସାବିତ୍ରୀ ବ୍ରତ, ରାସ ପୂର୍ଣ୍ଣିମାରେ ବ୍ୟାଘାତ ଘଟିଥିଲା। ଏବେ ହେବାକୁ ଥିବା ବାରୁଣୀ ମେଳା ପାଇଁ ଉଭୟ ଗୋଷ୍ଠୀ ମୂର୍ତ୍ତି ସହିତ ପ୍ରସ୍ତୁତି ସାରିଥିବା ବେଳେ ବିବାଦ ସମାଧାନ ହୋଇ ନ ପାରିବାରୁ ବୁଧବାର ମଧ୍ୟାହ୍ନ ୧୨ଟା ସମୟରେ ମାଜିଷ୍ଟ୍ରେଟ ସତ୍ୟଜିତ ମହାନ୍ତି ଏବଂ ଜଳେଶ୍ୱର ପୋଲିସ ଅଧିକାରୀଙ୍କ ଉପସ୍ଥିତିରେ ମହୁଲିଆ ଗ୍ରାମରେ ଶିବ ମନ୍ଦିର ପରିସରରେ ୧୪୪ ଧାରା ଜାରି ହୋଇଛି।

# ସରକାରୀ ପୋଖରୀରୁ ମାଟି ଖୋଳି ବିକ୍ରି ଅଭିଯୋଗ

ବାହାନଗା, ୨୬।୩(ଅରୂପ କୁମାର ଦାସ)

ବାହାନଗା ବ୍ଲକ ଖନ୍ତାପଡା ପଞ୍ଚାୟତ ନିକଟରେ ଥିବା ଏକ ସରକାରୀ ପୋଖରୀରୁ ମାଟି ଖୋଳି ବିକ୍ରି କରିବା ନେଇ ପଞ୍ଚାୟତବାସୀଙ୍କ ପକ୍ଷରୁ ବାଲେଶ୍ୱର ଜିଲାପାଳ, ବିଡିଓ, ତହସିଲଦାରଙ୍କଠାରେ ଅଭିଯୋଗ କରାଯାଇଛି। ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ମଙ୍ଗଳବାର ଖନ୍ତାପଡା ବଜାର୍‌ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦାବି କରାଯାଇଛି।

ଖବରଦାତା ସମ୍ମିଳନୀରେ ଖନ୍ତାପଡା ପଞ୍ଚାୟତର ସମିତିସଭ୍ୟା କନକଲତା ବାରିକଙ୍କ ପ୍ରତିନିଧି ରମାକାନ୍ତ ବାରିକ ସଭାପତିତ୍ୱ କରିଥିଲେ। ଏଥିରେ ରବୀନ୍ଦ୍ର ମହାଲିକ, କୃଷ୍ଣଚନ୍ଦ୍ର ବାରିକ, ହରିଶଚନ୍ଦ୍ର ଦାସଙ୍କ ସମେତ ଖନ୍ତାପଡା ଗ୍ରାମବାସୀ ଉପସ୍ଥିତ ରହି ବେଆଇନ ଭାବେ ପୋଖରୀ ଖୋଳି ମାଟି ଅନ୍ୟତ୍ର ବିକ୍ରିର ପ୍ରତିବାଦ କରି ଅସନ୍ତୋଷ ପ୍ରକାଶ କରିଥିଲେ। ଏହି ପଞ୍ଚାୟତକୁ ଲାଗି ପଞ୍ଚାୟତ ପୋଖରୀ ଅବସ୍ଥିତ। ସେହି ପୋଖରୀ ୨୦୨୨-୨୦୨୩ ଆର୍ଥିକ ବର୍ଷରେ ଏମ୍‌ଜିଏନଆରଇଜିଏସ୍ ଦ୍ୱାରା ପୋଖରୀ ପୁନରୁଦ୍ଧାର କରାଯିବା ସହିତ ଖୋଳାଯାଇଥିଲା। ଚଳିତବର୍ଷ ପୁନର୍ବାର ସେହି ପୋଖରୀ ଖୋଳାଯିବା ଓ ତାର ମାଟି ବାହାରକୁ ବିକ୍ରି କରିବାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଥିଲା। ଏନେଇ ପଞ୍ଚାୟତବାସୀ ବ୍ଲକ କନିଷ୍ଠଯନ୍ତ୍ରୀ ପୁଷ୍ପଲତା ସେଠୀଙ୍କ ସହିତ ଯୋଗାଯୋଗ କରିଥିଲେ। ସେହି ପୋଖରୀ ପାଇଁ କୌଣସି ଅର୍ଥ ମଞ୍ଜୁରୁ ହୋଇ ନ ଥିବା ଜଣାପଡିଥିଲା। ମାଇନ୍ସ ବିଭାଗ ତରଫରୁ ଗତ ୨୦ ତାରିଖରେ ଚଢାଉ କରି ୯ଟି ଟ୍ରାକ୍ଟରକୁ ଜବତ କରି ଖନ୍ତାପଡା ଥାନାରେ ରଖିଥିଲେ। ସ୍ଥାନୀୟ ଅଞ୍ଚଳର ଜଣେ ଜନପ୍ରତିନିଧିଙ୍କ ଇଙ୍ଗିତରେ ଏହା କରାଯାଉଥିବା ନେଇ ଲୋକମାନେ ଜିଲାପାଳ, ବିଡିଓ, ତହସିଲଦାରଙ୍କଠାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଖନ୍ତାପଡା ସରପଞ୍ଚ ଯଶୋମତୀ ମହାଲିଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି ଯେ, ଫିଲ୍ଡ ଡେଭଲପମେଣ୍ଟ ପାଇଁ ୧ ଲକ୍ଷ ଟଙ୍କାର ମାଟି ପୋଖରୀ ଖୋଳି ଅଣାଯାଇ ପକାଯାଇଛି। ମାଇନ୍ସ ବିଭାଗ ପକ୍ଷରୁ ଧରାଯାଇଥିବା ମାଟି ବୋଝେଇ ଟ୍ରାକ୍ଟର ଜାତୀୟ ରାଜପଥରେ ଚଢାଉ ବେଳେ ଧରାଯାଇଛି। ବିରୋଧୀମାନେ ଉଦ୍ଦେଶ୍ୟମୂଳକ ଭାବେ ମିଥ୍ୟା ଅଭିଯୋଗ ଆଣିଛନ୍ତି।

# ବିଶ୍ୱାସ, ସାଧୁତା ଦ୍ୱାରା ସମିତିର ଲକ୍ଷ୍ୟ ପୂରଣ ହୋଇପାରିବ

## ମିର୍ଜାପୁର ସେବା ସମବାୟ ସମିତି ବାର୍ଷିକ ସାଧାରଣ ସଭା



ମହିଳା ଗୋଷ୍ଠୀମାନେ ଅତିଥିଙ୍କଠାରୁ ପ୍ରୋତ୍ସାହନ ରାଶି ଗ୍ରହଣ କରୁଛନ୍ତି।

ଖଇରା, ୨୬।୮(ଉତ୍କଳବନ୍ଧୁ ପଣ୍ଡା): ଗାଁ ଗହଳିରେ ଚାଷୀ ତଥା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଲକ୍ଷ୍ୟରେ ସେବା ସମିତି ମାନ ଗଠନ କରାଯାଇଛି। ଏଣୁ ଏହି ସମିତି ଚାଷୀ ହୁଅନ୍ତୁ କି ଋଣୀ ହୁଅନ୍ତୁ ବିଶ୍ୱାସ ଓ ସାଧୁତା ବଜାୟ ରଖିଲେ ସମିତି ସହଜରେ ତାର ଲକ୍ଷ୍ୟ ପୂରଣ କରିବ। ଏହି ପଥ ଅନୁସରଣ କରି ମିର୍ଜାପୁର ସମବାୟ ସମିତି ମଧ୍ୟ ୨ହଜାର ୪ଶହ ସଭ୍ୟ ଓ ୧୧୩ ଟି ସ୍ୱୟଂ ସହାୟିକା ଗୋଷ୍ଠୀର ଆସ୍ଥାଭାଜନ ହୋଇପାରିଛି ବୋଲି ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ମିର୍ଜାପୁର ସେବା ସମବାୟ ସମିତିରେ ସମବାୟ ବର୍ଷ ପାଳନ ଓ ବାର୍ଷିକ ସାଧାରଣ ସଭାରେ ଯୋଗ ଦେଇଥିବା ଅତିଥିମାନେ ଆଲୋକପାତ କରିଛନ୍ତି।

ବୁଧବାର ଅପରାହ୍ନରେ ବୋର୍ଡ ସଭାପତି ସନ୍ତୋଷ କୁମାର ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ସାରଡାଙ୍ଗ ସରପଞ୍ଚ ପ୍ରତିନିଧି ସୁରେଶ କୁମାର ମାଝୀ, ସୁନ୍ଦିରା ସରପଞ୍ଚ ପ୍ରତିନିଧି ହରିଶଚନ୍ଦ୍ର ପରିଡା, ବରିଷ୍ଠ ସଭ୍ୟ ଦିବାକର ବେହେରା, ନାରାୟଣ ପଣ୍ଡା ଓ ବାବୁଲି ପଣ୍ଡା, ଦିଲୀପ କୁମାର ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ଦେବାଶିଷ ପାଢୀ ବାର୍ଷିକ ଆୟବ୍ୟୟର ହିସାବ ପ୍ରଦାନ କରିଥିଲେ। ଉପସଭାପତି ସୁଜାତା ମାଝିଙ୍କ ସମେତ ଅନ୍ୟ ୧୨ଜଣ ନିର୍ଦ୍ଦେଶିକା ଓ ନିର୍ଦ୍ଦେଶକ ମଞ୍ଚସୀନ ଥିଲେ। ପାଇକାଳପୁର ଗ୍ରାମର ୨ ସଫଳ ମା' ସୁଭଦ୍ରା ଓ ବାବା ରାଧାକାନ୍ତ ଏସ୍‌ଏଚ୍‌ଜିଙ୍କୁ ବିନା ସୁଧରେ ୫ଲକ୍ଷ କରି ଋଣ, ଛତୁଚାଷ କରି ଆତ୍ମନିର୍ଭଶୀଳ ହୋଇଥିବା ବୁଢୀବାସୁଳୀ ଗୋଷ୍ଠୀକୁ ୨ ହଜାର ଟଙ୍କର ପ୍ରୋତ୍ସାହନ ରାଶି ଏବଂ ଉଦ୍‌ଯୋଗୀ ଚାଷି ଅର୍ଜୁନଚରଣ ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। ସମିତି ର କର୍ମଚାରୀ କାଳନ୍ଦୀ ପାଢୀ, ଉମାକାନ୍ତ ନାୟକ, ଭବେନ୍ଦ୍ର ସିଂ ଓ ଭଗବାନ ବାରିକ ସଭା ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ଏମ୍‌ପି ପ୍ରତାପ

## ଉତ୍ତର ଓଡ଼ିଶା ବିକାଶ ସମ୍ପର୍କରେ ଆଲୋଚନା କଲେ



ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ୍ କରୁଛନ୍ତି।

ବାଲେଶ୍ୱର, ୨୬।୩(ବାଞ୍ଛାନିଧି ଦେ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଦିଲ୍ଲୀସ୍ଥିତ କାର୍ଯ୍ୟାଳୟରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମଙ୍ଗଳବାର ଆନୁଷ୍ଠାନିକ ଭାବେ ସାକ୍ଷାତ୍ କରିଛନ୍ତି। ଓଡିଶାର ବିକାଶ ପାଇଁ ସକରାତ୍ମକ ଏବଂ ସାଙ୍ଗଠନିକ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି। ବିଶେଷ କରି ଉତ୍ତର ଓଡ଼ିଶାର ବିକାଶ ସମ୍ପର୍କରେ ଅଧଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ଆଲୋଚନା କରିଛନ୍ତି। ବାଲେଶ୍ୱର ଓ ଉତ୍ତର ଓଡ଼ିଶାର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ନ୍ୟାଶନାଲ ଇନଷ୍ଟିଚ୍ୟୁଟ ଅଫ୍ ଫାର୍ମାସିଟିକାଲ ଏଜୁକେଶନ ଆଣ୍ଡ ରିସର୍ଚ୍ଚ (ଏନଆଇପିଇଆର୍) ଖୋଲିବା, ରାସଗୋବିନ୍ଦପୁର ଏୟାରଷ୍ଟ୍ରିପର କାର୍ଯ୍ୟକ୍ଷମ, କୋଷ୍ଟ କେନାଲର ପୁନରୁଦ୍ଧାର, ରେଳ ଓ ଡିଫେନ୍ସର ଅତ୍ୟାଧୁନିକ ସରଞ୍ଜାମ ନିର୍ମାଣ ଇଣ୍ଡଷ୍ଟ୍ରି ବାଲେଶ୍ୱରଠାରେ ଖୋଲିବା ପାଇଁ ଏମ୍‌ପି ପ୍ରତାପ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେବା ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏକ ଅନୁରୋଧପତ୍ର ଦେଇଛନ୍ତି। ପ୍ରଧାନମନ୍ତ୍ରୀ ତୁରନ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଏ ସମ୍ପର୍କରେ ଯଥାଶୀଘ୍ର ଅନୁଧ୍ୟାନ କରି ଏକ ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ୨ରୁ ବାସନ୍ତୀ ଦୁର୍ଗାପୂଜା, ଆଞ୍ଚଳିକ ମହୋତ୍ସବ

ରେମୁଣା, ୨୬।୩(ରବୀନ୍ଦ୍ର ମହାକୁଡ଼)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅଧୀନ କୁଳିଗାଁ କଲେଜ ପଡ଼ିଆ ନିକଟରେ ବାସନ୍ତୀ ପୂଜା ଆଞ୍ଚଳିକ ମହୋତ୍ସବ କମିଟି ଆନୁକୂଲ୍ୟରେ ଆସନ୍ତା ଏପ୍ରିଲ ୨ରୁ ୭ ତାରିଖ ପର୍ଯ୍ୟନ୍ତ ମା' ବାସନ୍ତୀ ଦୁର୍ଗାଙ୍କର ପୂଜା ଉତ୍ସବ ଓ ଆଞ୍ଚଳିକ ମହୋତ୍ସବ ଅନୁଷ୍ଠିତ ହେବ। ପୂଜା ଉତ୍ସବ ଓ ଆଞ୍ଚଳିକ ମହୋତ୍ସବର ସୁପରିଚାଳନା ପାଇଁ ମଙ୍ଗଳବାର ସନ୍ଧ୍ୟାରେ ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ଏଥିରେ ମହୋତ୍ସବ କମିଟି ସଭାପତି ରବୀନ୍ଦ୍ର ମହାକୁଡ ସଭାପତିତ୍ୱ କରିଥିଲେ। କମିଟି ସମ୍ପାଦକ ପରେଶ ଶତପଥି, କାର୍ଯ୍ୟକାରୀ ସମ୍ପାଦକ ମନୋଜ ରାଉତ, ଜଗନ୍ନାଥ ବେହେରା, ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ସନ୍ତୋଷ ଶତପଥି, ସୋମନାଥ ଶତପଥି, ଗୁରୁପ୍ରସାଦ ପାଣିଗ୍ରାହୀ, କମଳାକାନ୍ତ ବାରିକ, ବୀରେନ୍ଦ୍ର ରାଉତ, କାହ୍ନୁଚରଣ ପାଣିଗ୍ରାହୀ, ଦିଲୀପ ଶତପଥି, କୋଷାଧ୍ୟକ୍ଷ ଦେବକାନ୍ତ ରଥ ପ୍ରମୁଖ ଉପସ୍ଥିତ ରହି ଉତ୍ସବର ରୂପରେଖ ପ୍ରସ୍ତୁତ କରିଥିଲେ। ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ବଲିଉଡ୍ ଓ ଓଲିଉଡ୍ କଳାକାର ତଥା ବିଶିଷ୍ଟ ସଙ୍ଗୀତଜ୍ଞ ଯୋଗଦେଇ ଦର୍ଶକଙ୍କ ମନୋରଞ୍ଜନ କରିବେ। ମହୋତ୍ସବ ପଡ଼ିଆରେ ବିଭିନ୍ନ ଷ୍ଟଲ ସାଙ୍ଗକୁ ରାମଦୋଳି, ମୀନାବଜାର ଆଦି ଦର୍ଶକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି।

# ଶିକ୍ଷଣ ସମ୍ବଳ କେନ୍ଦ୍ର ଉଦ୍‌ଘାଟିତ





କର୍ମଶାଳାରେ ମଞ୍ଚାସୀନ ଅତିଥିଗଣ।

## କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା

ବାଲେଶ୍ୱର, ୨୬।୩(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ବ୍ଲକ ମିରିଗିମୁଣ୍ଡି ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନ ମହାପାତ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ ଦୁଇଦିନିଆ କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା ବୁଧବାର ଶୁଭାରମ୍ଭ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ସରସ୍ୱତୀ ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଏବିଇଓ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ରାମଚନ୍ଦ୍ର ବେହେରା ଯୋଗଦେଇ କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।

ସମ୍ମାନିତ ଅତିଥି ଅବସରପ୍ରାପ୍ତ ଶିକ୍ଷକ ସୃଷ୍ଟିଧର ପରିଡ଼ା, ପୂର୍ବତନ ସିଆର୍‌ସିସି ମାୟାଧର ବେହେରା, ପରିଚାଳନା କମିଟି ସଦସ୍ୟ ଲମ୍ବୋଧର ଜେନା ପ୍ରମୁଖ ଯୋଗଦେଇ ଶିକ୍ଷଣ ସାମଗ୍ରୀ ଛାତ୍ରୀଛାତ୍ରଙ୍କ ଅଧ୍ୟୟନ ଜୀବନରେ ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ। ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକଙ୍କ ଦ୍ୱାରା ପ୍ରସ୍ତୁତ ସମସ୍ତ ସାମଗ୍ରୀକୁ ଶ୍ରେଣୀ କୋଠରୀରେ ସୁସଜ୍ଜିତ କରାଯାଇଥିଲା। ଶୈକ୍ଷିକ ଦିଗରେ ପୂର୍ଣ୍ଣ ସହାୟତା ନିମନ୍ତେ ଶିକ୍ଷଣ ସାମଗ୍ରୀଗୁଡ଼ିକ ଛାତ୍ରୀଛାତ୍ରଙ୍କ ପ୍ରତ୍ୟାଶିତ ଫଳାଫଳ ଆଧାରିତ ଥିଲା। ଏହି ଅବସରରେ ସଦର ବ୍ଲକରେ ପ୍ରଥମ ଶିକ୍ଷଣ ସମ୍ବଳ କେନ୍ଦ୍ରକୁ ମୁଖ୍ୟଅତିଥି ଏବିଇଓ ବେହେରା ଉଦ୍‌ଘାଟନ କରିଥିଲେ। ମିରିଗିମୁଣ୍ଡି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଜୟଶ୍ରୀ ପରମାଣିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଯୋଡ଼ା, ୨୬।୩(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରସ୍ଥିତ ଯୋଡ଼ା ମହିଳା ମହାବିଦ୍ୟାଳୟରେ +୩ ପ୍ରଥମ ବର୍ଷର ସମସ୍ତ ଛାତ୍ରୀଙ୍କୁ ନେଇ ଚାଲିଥିବା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମାଷ୍ଟର ଟ୍ରେନର ଭାରତୀ ଭଗବତୀ ଛାତ୍ରୀଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷା ଜୟଶ୍ରୀ ମହାନ୍ତି ଓ ବରିଷ୍ଠ ଅଧ୍ୟାପିକା ଗୀତା ମିଶ୍ର ଛାତ୍ରୀଙ୍କୁ ଉଦ୍‌ବୋଧନ ଦେବା ସହିତ ପ୍ରମାଣପତ୍ର ବାଣ୍ଟିଥିଲେ। କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ଡଃ ଲିତା ପାତ୍ର ପ୍ରମାଣପତ୍ର ବଣ୍ଟନ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀମାନେ ଶେଷରେ ଶିକ୍ଷା ଗ୍ରହଣ କରିଥିବା ଆତ୍ମରକ୍ଷା କୌଶଳ ପ୍ରଦର୍ଶନ କରିଥିଲେ।

# ବିଦ୍ୟାଳୟର ବାର୍ଷିକ ଉତ୍ସବ

କେନ୍ଦୁଝର, ୨୬।୩ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଶିରିଷପାଳର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଆରତୀ ରାଉଳଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷା କଲ୍ୟାଣୀ ମାଝୀ ଯୋଗଦେଇ ଉପସ୍ଥିତ ଅଭିଭାବକ ଓ ଗ୍ରାମବାସୀଙ୍କୁ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସହିତ ଉତ୍ତମ ବୁଝାମଣା ରଖି ପିଲାଙ୍କ ସର୍ବାଙ୍ଗୀନ ବିକାଶରେ ସହାୟକ ହେବା ପାଇଁ ଉପଦେଶ ଦେଇଥିଲେ। ମୁଖ୍ୟ ବକ୍ତାଭାବେ ଚମ୍ପୁଆ ବ୍ଲକ୍‌ର ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ସୁମିତା ତ୍ରିପାଠୀ, ସମ୍ମାନିତ ଅତିଥିଭାବେ ବରିଷ୍ଠ ଶିକ୍ଷକ ବିଜୟ ମିଶ୍ର, ଶିରୀଷପାଳ କ୍ଲଷ୍ଟରର ସିଆରସିସି ତିଲୋତ୍ତମା ସାହୁ, ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ ସନ୍ତୋଷ ସେଠୀ, ମୋ ସ୍କୁଲ ଅଭିଯାନର ସଭାପତି ବାବାଜୀ ଚରଣ ଜେନା, ଅବସରପ୍ରାପ୍ତ ଶିକ୍ଷକ ସନ୍ତୋଷ କୁମାର ଗିରି, ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସଭାପତି ଘନଶ୍ୟାମ ନାଏକ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ଦେବଦତ୍ତ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆରତୀ ରାଉଳ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ବିଭିନ୍ନ ଦିଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ବରିଷ୍ଠ ବିଭାଗରେ ୮ମ ଶ୍ରେଣୀର ଛାତ୍ରୀ କୁମାରୀ ରମ୍ଭା ମହାକୁଡ,କନିଷ୍ଠ ବିଭାଗରେ୪ର୍ଥ ଶ୍ରେଣୀର ଛାତ୍ର ଶୁଭଂକର ଜେନା ଓ ସର୍ବ କନିଷ୍ଠ ବିଭାଗରେ ୨ୟ ଶ୍ରେଣୀର ଛାତ୍ରୀ କୁମାରୀ ଜସ୍ମିନ ଜେନାଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ମୀନା ମହାନ୍ତ, ରଶ୍ମିରଞ୍ଜିତା ପାତ୍ର, ସବିତା ମିଶ୍ର, ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ର ରାଜକୁମାର ମିଶ୍ର ,ସରୋଜ ମହାକୁଡ ,ଭଗବତୀ ପାତ୍ର ଓ ରଶ୍ମିତା ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ମୌସମୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ୫ରୁ ପାଣ୍ଡବେଶ୍ୱର ବାବାଙ୍କ ଚୈତ୍ରପର୍ବ

ଝାରପୋଖରୀଆ, ୨୬।୩ (ସୁଧିର କୁମାର ମହାନ୍ତ)

ମୟୂରଭଞ୍ଜ ଜିଲା ଉପାନ୍ତ ସାରସକଣା ବ୍ଲକର ପାଣ୍ଡରା ଗ୍ରାମସ୍ଥିତ ବାବା ପାଣ୍ଡେବେଶ୍ୱର ବୁଢ଼ା ମହାଦେବଙ୍କ ପୀଠରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ମହାବିଷୁବ ପଣାସଂକ୍ରାନ୍ତି ଉପଲକ୍ଷେ ପୀଠରେ ଆସନ୍ତା ୫ତାରିଖରୁ ୧୧ଦିନିଆ ଚୈତ୍ର ମେଳା ଆରମ୍ଭ ହେବ। ଏହି ଉପଲକ୍ଷେ ପାଣ୍ଡରା ଗ୍ରାମରେ ଥିବା ଚୈତ୍ର ପର୍ବ କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ସନ୍ଧ୍ୟା ୭ଟାରେ ଅନୁଷ୍ଠିତ ହୋଇଥିଲା। ଚୈତ୍ରପର୍ବ କମିଟିର ସଭାପତି ଶଶାଙ୍କ ଶେଖର ମାଲଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ଗ୍ରାମବାସୀଙ୍କ ସହିତ କମିଟିର ସଦସ୍ୟ ତଥା ମନ୍ଦିର ପୂଜକ କାଶିନାଥ ପଣ୍ଡା ଉପସ୍ଥିତ ଥିଲେ। ବୈଠକରେ କମିଟିର ସମ୍ପାଦକ ସମରଜିତ ଘୋଷ ଗତ ବର୍ଷର ଆୟ ବ୍ୟୟର ବିବରଣୀ ପାଠ କରିଥିଲେ। ମେଳାରେ ଶାନ୍ତି ଶୃଙ୍ଖଳା ରକ୍ଷା, ମାଦକ ଦ୍ରବ୍ୟ ବ୍ୟବହାର ଓ ବିକ୍ରୟ ନିଷେଧ, ଜୁଆଖେଳ ବାରଣ, ଗ୍ରାମ ମଧ୍ୟରେ ଦ୍ରୁତ ଗତିରେ ଗାଡ଼ି ଚଳାଇବା ବାରଣ, ଧାଡି ମାଧ୍ୟମରେ ବାବାଙ୍କ ଦର୍ଶନ, ପୂଜନ, ଭକ୍ତ ତଥା ଜନସାଧାରଣଙ୍କୁ ରୌଦ୍ର ତାପରୁ ରକ୍ଷା ନିମନ୍ତେ ଶୀତଳ ଜଳ ପ୍ରଦାନ, ଉଠା ଦୋକାନୀଙ୍କୁ ଦୋକାନ କରିବାର ସ୍ଥାନ, ବିଜୁଳି, ଜଳ, ପ୍ରଭୃତି ନିଶୁଳ୍କ ପ୍ରଦାନ କରିବା ପ୍ରଭୃତି ସ୍ଥିର କରାଯାଥିଲା। ପର୍ବର ପ୍ରତି ଦିବସରେ ଭକ୍ତଙ୍କ ଆମୋଦ ପ୍ରମୋଦ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଛଉନୃତ୍ୟର ଆୟୋଜନ କରାଯିବାର ସ୍ଥିର ହୋଇଥିଲା। ସେହିପରି ମୁଖ୍ୟ ପର୍ବ ୧୩ ତାରିଖ ଜିଭ ଫୋଡା (କଣ୍ଟାପାଟ), ରଜନୀ ଫୋଡା ଓ ୧୪ ତାରିଖ ଅଗ୍ନିପାଟ, କଣ୍ଟକ ଶୟନ ପର୍ବ ପାଳନ ହେବ ବୋଲି କମିଟି ପକ୍ଷରୁ ଚୂଡାନ୍ତ ନିଷ୍ପତ୍ତି ନିଆଯାଇଛି। ସୂଚନଯୋଗ୍ୟ, ଉକ୍ତ ଚୈତ୍ର ମେଳା ୧୪ ତାରିଖରେ ସମାପନ ହେବ।

# ଦୋଷୀଙ୍କୁ ୫ ବର୍ଷ କାରାଦଣ୍ଡ

## ପଡ଼ୋଶୀଙ୍କୁ ହତ୍ୟା ଘଟଣା

ଚମ୍ପୁଆ, ୨୬।୩(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଅତିରିକ୍ତ ଜିଲା ଦୌରାଜଜଙ୍କ କୋର୍ଟରେ ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ପ୍ରଣୟ କୁମାର ଦାଶ ଅଭିଯୁକ୍ତ ଗୌରହରୀ ମହାନ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୫ ବର୍ଷ ସଶ୍ରମ କାରାଦଣ୍ଡ କରିଛନ୍ତି। ଏଥି ସହିତ ୧୦ ହଜାର ଜରିମାନା ଅନାଦେୟ ଅଧିକ ୬ ମାସ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ମାମଲା ବିବରଣୀ ଅନୁଯାୟୀ, ୨୦୨୧ରେ ଚମ୍ପୁଆ ଥାନା ଅନ୍ତର୍ଗତ କୋଦଗାଡ଼ିଆ ଗ୍ରାମର ଲକ୍ଷ୍ମୀ ସାହିରେ ଗୌରହରି ମହାନ୍ତ ଓ ଲିପୁନ ମହାନ୍ତଙ୍କ ଝଗଡ଼ା ହୋଇଥିଲା। ଉତ୍ତେଜିତ ହୋଇ ଗୌରହରି ମହାନ୍ତ, ଲିପୁନ ମହାନ୍ତଙ୍କୁ ଛୁରିରେ ଭୁଷି ଦେଇଥିଲେ। ଲିପୁନଙ୍କୁ ଗୁରୁତର ଅବସ୍ଥାରେ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଲିପୁନଙ୍କ ବାପା ପୂର୍ଣ୍ଣଚନ୍ଦ୍ର ମହାନ୍ତ ଚମ୍ପୁଆ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ. ୩୨/୨୧) ରୁଜୁ କରି ଘଟଣାର ତଦନ୍ତ କରିବା ସହିତ ଗୌରହରିଙ୍କୁ ଗିରଫ କରିଥିଲେ। ୧୭ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଜଜ୍ ଉପରୋକ୍ତ ରାୟ ଶୁଣାଇଥିବା ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମଧୁସୂଦନ ପତି ଏହି ମକର୍ଦ୍ଦମା ପରିଚାଳନା କରିଥିଲେ।

# ଆମେ ଜାଣିବା ଓ ଆମେ ଜିଣିବା କାର୍ଯ୍ୟକ୍ରମ



ଅତିଥିଙ୍କ ସହ କୃତୀ ଛାତ୍ରୀମାନେ।

ଗୋପବନ୍ଧୁ ନଗର, ୨୬।୩ (ଶାନ୍ତନୁ କୁମାର ମଢୁଆଳ)

ଗୋପବନ୍ଧୁ ନଗର ବ୍ଲକ ଟିକାୟତପୁର ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟରେ ବୁଧବାର ଆମେ ଜାଣିବା ଓ ଆମେ ଜାଣିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭବାନୀ ଶଙ୍କର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌରମୋହନ ବେହେରା, ହରିବଳଦେବ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ପରିଡା, ସରପଞ୍ଚ ସଞ୍ଜୟ ସିଂ, ଗୋପବନ୍ଧୁ ନଗର ପ୍ରେସ କ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶ, ସିଆରସିସି ଆଶିଷ କୁମାର ସାହୁ, ପୂର୍ବତନ ଜିଲାପରିଷଦ ସଭ୍ୟ ନରେନ୍ଦ୍ର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ବିଧାୟକ ଭାସ୍କର ଚନ୍ଦ୍ର ମଢେଇ ଆଭାସୀ ମାଧ୍ୟମରେ ନିଜର ବାର୍ତ୍ତା ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଦେଇଥିଲେ। ସହକାରୀ ଶିକ୍ଷକ ଉତ୍ସବ କୁମାର ସାହୁ, ବାଦଲ କୁମାର ମହାନ୍ତ, ପ୍ରଫୁଲ୍ଲ ମହାକୁଡ ଓ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସିଂ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ଅବସରରେ ରାଜ୍ୟସ୍ତରୀୟ କ୍ରୀଡ଼ା ତଥା ସାଂସ୍କୃତିକ କାର୍ଯ୍ୟକ୍ରମର କୃତି ଛାତ୍ରୀମାନଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ଅଭିଭାବକ ଉପସ୍ଥିତ ଥିଲେ। ଅପରାହ୍ନରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

